

# ମଞ୍ଚରେ ଯାଦୁଗର

ବସନ୍ତ କୁମାର ପାଲ

OR
793.8
P 170 M

ଶିକ୍ଷାସନ୍ଧାନ
ଭୁବନେଶ୍ୱର

INDIAN INSTITUTE
OF
ADVANCED STUDY
LIBRARY SHIMLA

# ମଞ୍ଚରେ ଜାଦୁଗର

ବସନ୍ତ କୁମାର ପାଲ

ଶିକ୍ଷାସନ୍ଧାନ
ଭୁବନେଶ୍ୱର

Indian Institute of Advanced Study
Acc. No. 148993
Date 14/5/12
OR
793.8
P 170 M
Library IIAS, Shimla
OR 793.8 P 170 M
148993

ମଞ୍ଚରେ ଯାଦୁଗର
ଲେଖକ : ବସନ୍ତ କୁମାର ପାଲ
ପ୍ରଥମ ପ୍ରକାଶନ : ଜାନୁୟାରୀ,
ଦ୍ୱିତୀୟ ପ୍ରକାଶନ : ମାର୍ଚ୍ଚ, ୨୦୦
ପ୍ରକାଶକ : ଶିକ୍ଷାସନ୍ଧାନ
ଏ-୧୨, ହାଉସିଂ ବୋର୍ଡ଼ କଲୋନୀ,
ବରମୁଣ୍ଡା, ଭୁବନେଶ୍ୱର-୭୫୧୦୦୩,
ଫୋନ୍-୦୬୭୪-୨୫୫୬୧୦୯, ୨୫୫୦୬୫୬
ମୁଦ୍ରଣ : ଶିକ୍ଷା ପ୍ରକାଶନୀ,
ଏ-୧୨, ହାଉସିଂ ବୋର୍ଡ଼ କଲୋନୀ, ବରମୁଣ୍ଡା,
ଭୁବନେଶ୍ୱର-୭୫୧୦୦୩
ଆଇ.ଏସ୍.ବି.ଏନ୍ : ୮୧-୮୭୯୮୨-୨୮-୪
ମୂଲ୍ୟ : ଟ. ୫୦.୦୦

---

# Manchare Jadugara

Author: **Basanta Kumar Pal**

First Edition: **January, 2006**

Second Edition: **March, 2009**

Publisher: **Sikshasandhan,**
A-12, Housing Board Colony, Baramunda,
Bhubaneswar-751003,
website:www.sikshasandhan.org

Printed at: **Siksha Prakashani,**
A-12, Housing Board Colony, Baramunda,
Bhubaneswar-751003,
Ph-0674-2556109,2550656

I.S.B.N.: 81:87982-28-4

Price: Rs. 50/-

# ପ୍ରାକ୍ କଥନ

ମାଜିକ୍ ବା ଯାଦୁବିଦ୍ୟାର ପ୍ରଦର୍ଶନ କାହାକୁ ଭଲ ନଲାଗେ ? ଟୋପି ଭିତରୁ ଠେକଆ ବାହାର କରିବା, ଜୀଅନ୍ତା ମଣିଷକୁ ବାକ୍ସରେ ପୂରାଇ ଖଣ୍ଡାରେ ଦୁଇ ଖଣ୍ଡ କରି କାଟିଦୋବ, ଏପରିକି ଷ୍ଟେସନ୍‌ରେ ଠିଆ ହୋଇଥିବା ଟ୍ରେନ୍‌କୁ ଅଦୃଶ୍ୟ କରାଇ ଦେବା ଭଳି କୌଶଳ ଦର୍ଶନକୁ ବିସ୍ମୟାଭିଭୂତ କରିଦିଏ । ଏସବୁ କିପରି ସମ୍ଭବ ହୋଇପାରୁଛି ତାହା ଜାଣିବା ପାଇଁ ମନରେ ଅଦମ୍ୟ କୌତୁହଳ ଜାଗ୍ରତ ହୁଏ ।

ଦିନଥିଲା ମାଜିସିଆନ୍ ବା ଯାଦୁକରମାନେ ଅଲୌକିକ ଶକ୍ତିର ଅଧିକାରୀ ବୋଲି ଲୋକେ ଭାବୁଥିଲେ । ଇଂରାଜୀ ଶବ୍ଦ Magic ପାର୍ସୀ ଶବ୍ଦ Magus ରୁ ଉଦ୍‌ଭୂତ । Magus ଜୋରାଷ୍ଟ୍ରିଆନ୍ ପୂଜକ, ଜ୍ୟୋତିଷ ଓ ଅସାଧାରଣ ଶକ୍ତି ସଂପନ୍ନ ଲୋକକୁ ବୁଝାଏ । ଏମିତି ତିନିଜଣ magi ଶିଶୁ ଯୀଶୁଖ୍ରୀଷ୍ଟଙ୍କୁ ଦେଖିବା ପାଇଁ ବହୁ ଦୂରରୁ ବେଥେଲ୍‌ହାମ୍ ଆସିଥିଲେ । ଗ୍ରୀକ୍ ଭାଷାରେ magike ର ଅର୍ଥ ଗୁଣିଗାରେଡ଼ି । ଅତୀତରେ ମାଜିସିଆନ୍‌ମାନେ ସଇତାନ୍ ସହ ସମ୍ପର୍କ ରଖୁଥିଲେ ବୋଲି ଲୋକେ ସନ୍ଦେହ କରୁଥିଲେ । ମଧ୍ୟଯୁଗରେ ଇଉରୋପରେ ଏଥିପାଇଁ ସେମାନଙ୍କୁ ବହୁ ନିର୍ଯ୍ୟାତନାର ଶିକାର ହେବାକୁ ପଡୁଥିଲା ।

ଏବେ କିନ୍ତୁ ଯାଦୁବିଦ୍ୟା ବା ମାଜିକ୍ ମନୋରଞ୍ଜନର ଏକ ଆକର୍ଷଣୀୟ ମାଧ୍ୟମ ଭାବରେ ଆଦୃତ । କେତେକ କୌଶଳକୁ ଆୟତ କରି ଓ ଦର୍ଶକଙ୍କ ମାନସିକ ଅବସ୍ଥାକୁ ଭଲଭାବରେ ବୁଝି ଯାଦୁକର ଖେଳ ଦେଖାଏ ଓ ବିସ୍ମୟ ସୃଷ୍ଟି କରେ । କେବଳ ମନୋରଞ୍ଜନ ପାଇଁ ନୁହେଁ ବିଜ୍ଞାନଶିକ୍ଷାକୁ ପିଲାମାନଙ୍କ ପାଇଁ ଆକର୍ଷଣୀୟ କରିବାରେ ମଧ୍ୟ ମାଜିକ୍ ସହାୟକ ହୋଇଥାଏ । ଶିଶୁମାନଙ୍କ ଭିତରେ ଥିବା ସୁପ୍ତ ପ୍ରତିଭାକୁ ଜାଗ୍ରତ ଓ ବିକଶିତ କରିବାରେ ସାହାଯ୍ୟ କରିଥାଏ । ବିଦ୍ୟାଳୟର ଶୁଷ୍କ ନୀରସ ପାଠ୍ୟକ୍ରମକୁ ସରସ ସୁନ୍ଦର ଓ ଜୀବନ୍ତ କରିବାରେ ମଧ୍ୟ ମାଜିକ୍ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ସଂଭବ ।

କିଛି ଲୋକ ଯାଦୁବିଦ୍ୟା ପ୍ରଦର୍ଶନକୁ ଜୀବନ ଧାରଣର ଏକ ପନ୍ଥା ଭାବରେ ଗ୍ରହଣ କରିଛନ୍ତି । ସେମାନଙ୍କ ଭିତରୁ କେତେକ ଦେଶ ବିଦେଶରେ ଯଥେଷ୍ଟ ପ୍ରସିଦ୍ଧି ଅର୍ଜନ କରିଛନ୍ତି । ଯେପରିକି ଆମେରିକାର ଡ଼େଭିଡ୍ କପର ଫିଲଡ ଓ ଭାରତର ପି.ସି.

ସରକାର । କିନ୍ତୁ ବହୁତ ଲୋକଙ୍କ ଜୀବନରେ ଏହା ଅବସର ବିନୋଦନ ଓ ମନୋରଞ୍ଜନର ଏକ ମାଧ୍ୟମ ରୂପେ ସ୍ଥାନ ପାଇଛି । ଏହି ସୌଖୀନ ଯାଦୁକରମାନେ ମାଜିକ୍‌କୁ ଲୋକପ୍ରିୟ କରାଇବାରେ ଉଦ୍ୟମ କରିଆସୁଛନ୍ତି । ସେଥିପାଇଁ ସମୟ ଓ ଅର୍ଥ ବ୍ୟୟ କରୁଛନ୍ତି ।

**"ମଞ୍ଚରେ ଯାଦୁକର"** ପୁସ୍ତକର ଲେଖକ ଶ୍ରୀଯୁକ୍ତ ପାଳ ଜଣେ ପ୍ରତିଶ୍ରୁତି ବଦ୍ଧ ସଫଳ ସୌଖିନ୍ ଯାଦୁକର । ଯାଦୁବିଦ୍ୟାକୁ ଲୋକପ୍ରିୟ କରିବା ପାଇଁ ଓ ଯାଦୁକରମାନଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ସେ ବହୁ ଦିନଧରି ଉଦ୍ୟମ କରିଆସୁଛନ୍ତି । ପ୍ରତିକୂଳ ପରିସ୍ଥିତି ତାଙ୍କୁ ନିରୁତ୍ସାହିତ କରିପାରିନାହିଁ । ଯାଦୁକରମାନେ କିପରି ବିଭିନ୍ନ କୌଶଳ ଆୟତ କରି ମଞ୍ଚରେ ନିଜର ପରାକାଷ୍ଠା ଦେଖାଇବାରେ ଅଧିକରୁ ଅଧିକ ସଫଳ ହୋଇପାରିବେ ଏହି ଉଦ୍ଦେଶ୍ୟରେ ସେ ବହୁ କଷ୍ଟ ସ୍ୱୀକାର କରି ଏ ପୁସ୍ତକଟିର ରଚନା କରିଛନ୍ତି । ଭବିଷ୍ୟତରେ ବୟସ୍କ ଓ ଅଳ୍ପବୟସ୍କ ସୌଖୀନ୍ ଓ ପେଷାଦାର ଯାଦୁକରମାନେ ଏହାଦ୍ୱାରା ଉପକୃତ ହେବେବୋଲି ମୋର ଦୃଢ଼ ବିଶ୍ୱାସ ।

*ଯତୀନ କୁମାର ନାୟକ*
*ସଭାପତି*
*ଶିକ୍ଷା ସନ୍ଧାନ*

# ଉପକ୍ରମ

କୁହୁକ କଳା ଅତ୍ୟନ୍ତ ଆମୋଦାୟକ ଏବଂ କୌତୁହଳ ଉଦ୍ଦୀପକ । ଆମ ରାଜ୍ୟରେ ଏ ବିଦ୍ୟା ଶିକ୍ଷା କରିବା ପାଇଁ ଅନେକ କୌତୁହଳୀ ଥିଲେ ହେଁ ଉପଯୁକ୍ତ ଗ୍ରନ୍ଥାଦିର ଅଭାବ ଆଗ୍ରହୀ ଶିକ୍ଷାର୍ଥୀମାନଙ୍କର ପ୍ରଗତି ପଥରେ ପ୍ରମୁଖ ଅନ୍ତରାୟ । ଓଡ଼ିଶାରେ ଯାଦୁବିଦ୍ୟା ଅବହେଳିତ ହେବାର ଏହା ଏକ ପ୍ରମୁଖ କାରଣ ବୋଲି ମୋର ଧାରଣା ।

ଯାଦୁବିଦ୍ୟା ସମ୍ବନ୍ଧୀୟ ପୁସ୍ତକାବଳୀର ସଂଖ୍ୟା ଅଗଣିତ କହିଲେ ଅତ୍ୟୁକ୍ତି ହେବ ନାହିଁ । ଅନ୍ୟ କୌଣସି କଳା ଶିକ୍ଷା ପାଇଁ ବୋଧହୁଏ ଏତେ ପର୍ଯ୍ୟାପ୍ତ ପରିମାଣର ଗ୍ରନ୍ଥ ପ୍ରକାଶିତ ହୋଇନାହିଁ । ଅଧିକାଂଶ ଯାଦୁବିଦ୍ୟା ପୁସ୍ତକ କିନ୍ତୁ ଇଂରାଜୀ ଭାଷାରେ ପ୍ରକାଶିତ ।

କୌଣସି କଳା କାହାକୁ ଜୋର୍ ଜବରଦସ୍ତ ଶିଖାଯାଇନପାରେ । କିନ୍ତୁ କେହି କୌଣସି ଏକ କଳା ଶିକ୍ଷା ପାଇଁ ନିଷ୍ଠା ଏବଂ ଆନ୍ତରିକତା ସହ ଚେଷ୍ଟା କଲେ ନିଶ୍ଚୟ ସଫଳ ହୋଇପାରିବେ । ଯଦି ଶିକ୍ଷାର୍ଥୀଙ୍କ ବୁଝିବା ଭାଷାରେ ଉକ୍ତ କଳା ସମ୍ବନ୍ଧୀୟ ତଥ୍ୟାବଳୀ ସହଜରେ ଉପଲବ୍ଧ ହୁଏ ତେବେ ଏହା ଶିକ୍ଷାର୍ଥୀଙ୍କ ପାଇଁ ବରଦାନ ସଦୃଶ । କାରଣ ଅଯଥା ସମୟ ଅପଚୟ ବିନା ଶିକ୍ଷାର୍ଥୀଙ୍କ କ୍ଷିପ୍ର ପ୍ରଗତି ନିମନ୍ତେ ଉପଯୁକ୍ତ ପୁସ୍ତକ ଅତ୍ୟନ୍ତ ସହାୟକ ହୋଇଥାଏ ।

ଓଡ଼ିଆ ଭାଷାରେ ଯାଦୁବିଦ୍ୟା ଶିକ୍ଷା ନିମନ୍ତେ ଉପଯୁକ୍ତ ଗ୍ରନ୍ଥର ଅଭାବ କିଞ୍ଚିତ୍ ମାତ୍ରାରେ ପୂରଣ କରିବା ପ୍ରୟାସରେ ଉକ୍ତ ପୁସ୍ତକଟିର କଳ୍ପନା । ନିଷ୍ଠାବାନ ଶିକ୍ଷାର୍ଥୀମାନଙ୍କ ସାଧନାପଥ ସୁଗମ ହେବାରେ ଯଦି ଏହା ସମାନ୍ୟ ସହାୟକ ହୁଏ ଏବଂ ଉକ୍ତ ମହାନ୍ କଳାର ଉତ୍କର୍ଷ ପାଇଁ ଆହୁରି ଆଗକୁ ବଢ଼ିବାରେ ସେମାନଙ୍କୁ ପ୍ରେରଣାଦାୟକ ହୁଏ ତେବେ ଶ୍ରମ ସାର୍ଥକ ମଣିବି ।

ସ୍ୱୀକାର କରୁଛି ଯେ ମୁଁ ଜଣେ ପେଷାଦର ଲେଖକ ନୁହେଁ । ଅଧିକନ୍ତୁ ଯେଉଁସବୁ ଗ୍ରନ୍ଥପାଠ ଦ୍ୱାରା ମୁଁ ପୁଷ୍ଟ, ସେ ସବୁ ପ୍ରାୟ ଇଂରାଜୀ ଭାଷାର । ଓଡ଼ିଆ ଭାଷାରେ ଏପରି ଏକ ବୈଷୟିକ ଗ୍ରନ୍ଥ ରଚନାରେ ଆବଶ୍ୟକୀୟ ଶବ୍ଦ ସଂଯୋଜନାର ଦକ୍ଷତା ମୋଠାରେ ନଥିବାର ଅନୁଭବ କରିବା ସତ୍ତ୍ୱେ ମାତୃଭାଷାର ସ୍ୱାଭିମାନ ବଢ଼ାଇବା ସଂକଳ୍ପରେ ଅନୁପ୍ରେରିତ ହୋଇ ଏ କଷ୍ଟକର କାର୍ଯ୍ୟରେ ହାତ ଦେଇଛି ।

ରଚନାର ଲକ୍ଷ୍ୟ ସୁଦୂରପ୍ରସାରୀ । ଯାଦୁବିଦ୍ୟା ପ୍ରତି ଆକୃଷ୍ଟ ଯେଉଁ ନିଷ୍ଠାପର ଛାତ୍ର ଅତ୍ର-ସନ୍ନିହିତ ଭାବଧାରାର ଗୁରୁତ୍ୱ ଉପଲବ୍ଧି କରିବେ, ଏହା ତାଙ୍କର ନୈପୁଣ୍ୟତା ହାସଲର ଅନ୍ତର୍ନିହିତ ପିପାସାକୁ ଅଦମ୍ୟ କରାଇବ । ଫଳତଃ ଯେଉଁ ରୁଚିସମ୍ପନ୍ନ କଳାକୃତିର ସୃଷ୍ଟି ହେବ ତାହା ଜନାଦୃତ ହେବ ।

ପୁନଶ୍ଚ ଏ ପୁସ୍ତକରେ କୌଣସି ଯାଦୁ କୌଶଳର ଉନ୍ମୋଚନ ହୋଇନଥିବାରୁ ଏହା ସର୍ବସାଧାରଣ ମଧ ପାଠ କରିବେ ଏବଂ ଏ ମହାନ୍ କଳାର ବ୍ୟାପକତା ସମ୍ପର୍କରେ ସଚେତନ ହେବାରୁ କଳା ପ୍ରତି ତାଙ୍କର ଶ୍ରଦ୍ଧା ଓ ସମ୍ମାନ ବଢ଼ିବ । ପ୍ରକାରାନ୍ତରେ ଏହା ନିପୁଣ କଳାକାରମାନଙ୍କ ସମ୍ମାନ ବୃଦ୍ଧିରେ ସହାୟକ ହେବ। ସଂଗେ ସଂଗେ କଳାକାରମାନେ ଉତ୍ସାହିତ ହୋଇ ଉତ୍କର୍ଷ ଦିଗରେ ଅଧିକ ସାଧନାରତ ହେବେ ।

କଳାକାର ସମାଜରେ ଏଯାବତ ପରିଲକ୍ଷିତ ଅଳ୍ପବିଦ୍ୟାଜନିତ କୂପମଣ୍ଡୂକତ୍ୱ, ଅହଂଭାବ, ଇର୍ଷା, ଗୋଡ଼ଟଣା ସ୍ୱଭାବ ଆଦି ନକରାତ୍ମକ ପ୍ରବୃତ୍ତି ବଦଳରେ ପ୍ରକୃତ ଜ୍ଞାନର ବ୍ୟାପକତାଜନିତ ସୃଷ୍ଟ ନମ୍ରତାରୁ ସୁସ୍ଥ ପ୍ରତିଯୋଗିତା ଏବଂ ବନ୍ଧୁତ୍ୱପୂର୍ଣ୍ଣ ସହଯୋଗର ବାତାବରଣ ଦେଖିବାକୁ ମିଳିବ ।

ସାମାଜିକ ସ୍ୱୀକୃତି, ସମ୍ମାନ ଓ ପ୍ରୋତ୍ସାହନ ମିଳିଲେ ଏ କଳା ଓ କଳାକାର ପୁନଃ ଲୋକପ୍ରିୟ ହେବେ । ଏତେବେଳେ ସ୍ୱତଃ ସରକାର ଏହାକୁ ସ୍ୱୀକୃତି ଓ କଳାର ମାନ୍ୟତା ଦେବାକୁ କୁଣ୍ଠାବୋଧ କରିବେ ନାହିଁ - ଯାହା ପାଇଁ ଆଜିର ଯାଦୁଗର ସମାଜ ବିବ୍ରତ ।

ଯାଦୁବିଦ୍ୟା ଶିକ୍ଷାକରି ମନୋରଞ୍ଜନ ଓ ମାନବ କଲ୍ୟାଣ ନିମନ୍ତେ ପ୍ରୟୋଗ ପାଇଁ ଯେଉଁ ନିଷ୍ଠାବାନ ସାଧକ ଉକ୍ତ ବ୍ୟାପକ ବିଦ୍ୟାର ଗଭୀରତମ ପ୍ରଦେଶକୁ ଲମ୍ଫ ପ୍ରଦାନ କରିବାକୁ ପ୍ରସ୍ତୁତ, ସେଇମାନଙ୍କୁ ଏହା ସମର୍ପଣ କରୁଛି ।

□□□

# କୃତଜ୍ଞ ସ୍ମରଣ

ଶୈଶବର କୌତୁହଳକୁ ଶାଣିତ କରିଥିବା ମୋ' ଜେଜେମା ୰ଶ୍ରୀମତୀ ପାଳ (ସ୍ୱା: ୰ ଇନ୍ଦ୍ରମଣି ପାଳ) ଙ୍କୁ ସ୍ମରଣ କରି ନିଜକୁ ଭାଗ୍ୟବାନ ମନେକରୁଛି ।

ଜୀବନର ଗତିପଥରେ ପ୍ରାକ୍ତନ ଯାଦୁକର ପି.ଭାସ୍କର (ଅଧୁନା ଶ୍ରୀ ଶ୍ରୀ ସ୍ୱାମୀ ଜ୍ଞାନାନନ୍ଦ ଜୀ ମହାରାଜ) ଙ୍କ ସାନ୍ନିଧ୍ୟ ଲାଭକୁ ଈଶ୍ୱର ପ୍ରେରିତ ଆଶୀର୍ବାଦ ମନେକରେ । ତାଙ୍କର ପ୍ରେରଣା, ଉତ୍ସାହ ଓ ଆଶୀର୍ବାଦ ମୋ' ଜ୍ଞାନ ପରିସରକୁ ବିସ୍ତାରିତ କରିଛି । ସେ ମହାନ୍ ବ୍ୟକ୍ତିତ୍ୱଙ୍କୁ ପ୍ରଣିପାତ ଜଣାଉଛି ।

ଉତ୍କଳ ବିଶ୍ୱବିଦ୍ୟାଳୟର ଇଂରାଜୀ ପ୍ରଫେସର୍ ଶ୍ରୀଯୁକ୍ତ ଯତୀନ୍ଦ୍ର କୁମାର ନାୟକଙ୍କ ସହୃଦୟତା ଓ ପ୍ରେରଣା ଏ ଉଦ୍ୟମକୁ ତ୍ୱରାନ୍ୱିତ କରିଛି । ପୁସ୍ତକ ପ୍ରକାଶନ ଅବସରରେ ତାଙ୍କ ପ୍ରତି ବିନମ୍ର କୃତଜ୍ଞତା ଜ୍ଞାପନ କରୁଛି ।

ପାଣ୍ଡୁଲିପି ପ୍ରସ୍ତୁତ କରିବାରେ ପତ୍ନୀ ନଳିନୀଙ୍କ ସାହାଯ୍ୟ ପାଇଁ ତାଙ୍କ ପାଖରେ କୃତଜ୍ଞ ।

ମୋ ବାଲ୍ୟ ବନ୍ଧୁ ରବି ଆଜି ଇହ ଜଗତରେ ନାହିଁ । ୧୯୭୦ ମସିହାରେ ପ୍ରଥମ ମଞ୍ଚ ପ୍ରଦର୍ଶନ ସମୟରୁ ସେ ମୋ'ର ମୁଖ୍ୟ ସହଯୋଗୀ ଥିଲା । ତା' ମଉଜିଆ କଥା ସବୁବେଳେ ମନେପଡ଼େ । ତା' ଆତ୍ମାର ସଦ୍‌ଗତି ହେଉ ।

ଶ୍ରୀଯୁକ୍ତ ସୁରସେନ ଜେନା ଓ ୰ ଯାଦୁରତ୍ନ ବି. ରକ୍ଷିତ୍‌ଙ୍କ ଘନିଷ୍ଠ ସମ୍ପର୍କରେ ଆସିଛି । ତାଙ୍କୁ ଏ ଅବସରରେ ସ୍ମରଣ କରୁଛି ।

ସମସ୍ତ ବନ୍ଧୁ ଓ ଶୁଭାକାଙ୍କ୍ଷୀଙ୍କୁ ସ୍ୱୀକୃତ କରିବା ଅସମ୍ଭବ । ତେବେ ଯାଦୁକର ବନ୍ଧୁ ଶ୍ରୀ ନିରଞ୍ଜନ ଦାସ, ଅନୁପମ ବୋଷ୍, ସୁକେଶ ପଟ୍ଟନାୟକ, ବି.ସି.ପରିଡ଼ା, ଡ଼ି.ପି.ଦାସ , ସି.ଏଚ୍ ପରଶୁରାମ, ବାପୁ ଲେଙ୍କା, ଚିନ୍ମୟ ବାନାର୍ଜୀ ଆଦି ସ୍ୱତନ୍ତ୍ର ସମ୍ମାନର ହକ୍‌ଦାର୍ ।

ବାଲ୍ୟବନ୍ଧୁ ତଥା ଶୁଭାକାଙ୍କ୍ଷୀ ଶ୍ରୀ ଶ୍ରୀଧର ଷଡ଼ଙ୍ଗୀ ପାଣ୍ଡୁଲିପିଟିକୁ ସଂଶୋଧନ କରିଛନ୍ତି । ତାଙ୍କର ଆତ୍ମୀୟତା ପାଇ ମୁଁ ଧନ୍ୟ ।

କର୍ଣ୍ଣାଟକ ଫାଉଣ୍ଡେସନ୍ ଅଫ୍ ମ୍ୟାଜିସିଆନ୍‌ସର ପ୍ରତିଷ୍ଠାତା ସଭାପତି ପ୍ରଫେସର୍ ବାସ୍‌ଙ୍କୁ ୮୮ ଖୁଲିଲା । ସଂପ୍ରତି ଭାରତୀୟ ଯାଦୁକରମାନେ ତାଙ୍କୁ ଭିଷ୍ମ ପିତାମହ

କହନ୍ତି । ମୋ ଆଖିରେ ସେ ଏକ ୮୮ ବର୍ଷର କୋମଳମତି, କୌତୁହଳୀ, ଯାଦୁପାଗଳ ଶିଶୁ । ଜୀବନର ସମସ୍ତ କ୍ଷେତ୍ରରେ ଉଚ୍ଚ ମୂଲ୍ୟବୋଧର କର୍ମବୀର - ସେ ଏକ ବିରଳ ପ୍ରତିଭା ଏବଂ ମହାନ୍ ବ୍ୟକ୍ତିତ୍ୱ । ଘନିଷ୍ଠତାବଶତଃ ମୁଁ ତାଙ୍କୁ ପିତୃବତ୍ ମନେକରେ । ତାଙ୍କୁ ପ୍ରଣାମ ।

ପ୍ରଜ୍ଞା, ପ୍ରିୟମ୍ବଦା ଓ ବାଦଲ (ମୋ ଝିଅ, ପୁଅ)ଙ୍କ ସହଯୋଗ ପାଇଁ ସେମାନଙ୍କୁ ଧନ୍ୟବାଦ । ସେମାନଙ୍କ ପାଇଁ ମୁଁ ଗର୍ବୀତ ।

"ଶିକ୍ଷା ସନ୍ଧାନ" କର୍ତ୍ତୃପକ୍ଷଙ୍କ ସହୃଦୟତାରୁ ଏ ପୁସ୍ତକ ଆତ୍ମପ୍ରକାଶ କରିବା ସମ୍ଭବପର ହୋଇପାରିଲା । ଯେହେତୁ ଏହା ମୋ'ର ପ୍ରଥମ ପ୍ରକାଶିତ ପୁସ୍ତକ, ଜୀବନର ଶେଷ ପର୍ଯ୍ୟନ୍ତ ପ୍ରକାଶକ ମୋର ସ୍ମରଣୀୟ ହୋଇ ରହିବେ । ଶିକ୍ଷାସନ୍ଧାନର ସଦସ୍ୟ ସଚିବ ଶ୍ରୀଯୁକ୍ତ ଅନିଲ୍ ପ୍ରଧାନଙ୍କ ଆନ୍ତରିକ ସହଯୋଗ ପାଇଁ ମୁଁ କୃତଜ୍ଞ ।

ଶେଷରେ, ପ୍ରିୟ ପାଠକ, ଆପଣଙ୍କ ନିକଟରେ କୃତଜ୍ଞ କାରଣ କୌତୁହଳକୁ ଏଡ଼ିନପାରି ଆପଣଙ୍କ ମୂଲ୍ୟବାନ ସମୟ ବିନିମୟରେ ଆପଣ ବହିଟିକୁ ଖୋଲିଛନ୍ତି । ଯାଦୁକଳା ପ୍ରତି ଶ୍ରଦ୍ଧା ହେତୁ ଆପଣଙ୍କୁ ଧନ୍ୟବାଦ ।

***- ବସନ୍ତ କୁମାର ପାଢ଼ୀ***

# ସୂଚୀ


| କ୍ର.ନଂ. | ବିଷୟ | ପୃଷ୍ଠା |
|---|---|---|

**ଭାଗ - ୧**

୧. ଯାଦୁ ସାହିତ୍ୟ

୨. ଯାଦୁକରର ଶପଥ

୩. କାହାଣୀଟିଏ

**ଭାଗ - ୨**

୪. ଶଫଳତାର ଅସଲ ରହସ୍ୟ

୫. ମଞ୍ଚ ପରିଚୟ

୬. ମଞ୍ଚ ପ୍ରବେଶ-୧

୭. ମଞ୍ଚ ପ୍ରବେଶ - ୨

୮. ଦଣ୍ଡାୟମାନ

୯. ପଦ ଗ୍ଭଳନା

୧୦. ବାକଗ୍ଭତୁରୀ

୧୧. ମଞ୍ଚଲିପି

୧୨. ସ୍ୱର ସଧାନା

୧୩. ବିବିଧ

୧୪. ଅନ୍ୟଯାଦୁକରଙ୍କ ପ୍ରତି ବ୍ୟବହାର

୧୫. ସୁନାପାହାଚ

# "ଯାଦୁ ସାହିତ୍ୟ"

ଯାଦୁବିଦ୍ୟାକୁ ଗୁପ୍ତବିଦ୍ୟା ମଧ୍ୟ କୁହାଯାଏ । କାରଣ ଏହାର ସଫଳତା ପାଇଁ ଏସବୁ ରହସ୍ୟର ଗୋପନୀୟତା ବାଞ୍ଛନୀୟ ।

ଯାଦୁବିଦ୍ୟା ବୁଦ୍ଧି ଓ କୌଶଳ ସର୍ବସ୍ୱ । ଏହା ପଛରେ କୌଣସି ଅଲୌକିକତା ନାହିଁ ।

ଆଗ କାଳରେ ଏହାକୁ ଏତେ ଗୋପନୀୟ ରଖା ଯାଉଥିଲା ଯେ କହିଲେ ନସରେ । ଏହାଦ୍ୱାରା ଅନେକ ସାମାଜିକ କ୍ଷତି ବି ହେଉଥିଲା । ଅନେକ ଖଳ ପ୍ରକୃତିର ଲୋକ ଏ ବିଦ୍ୟା ଶିକ୍ଷା କରି ନିରିହ ସାଧାରଣ ଜନତାଙ୍କୁ ବିଭ୍ରାନ୍ତ ଏବଂ ଶୋଷଣ କରୁଥିଲେ । ଆଜିର ବିଜ୍ଞାନ ଯୁଗରେ ଏଭଳି ଦୁରୁପଯୋଗ ସମ୍ପୂର୍ଣ୍ଣଭାବେ ବନ୍ଦ ହୋଇପାରି ନାହିଁ । କିନ୍ତୁ ସଚେତନାର ସ୍ତର ନିଶ୍ଚିତ ରୂପେ ବୃଦ୍ଧି ପାଉଛି ।

ଯାଦୁବିଦ୍ୟା ସମ୍ବନ୍ଧୀୟ ପୁସ୍ତକର ବିଭିନ୍ନ ସ୍ତର ରହିଛି ।

ହଜାର ହଜାର ସଂଖ୍ୟାରେ ପ୍ରକାଶିତ ଯାଦୁବିଦ୍ୟା ପୁସ୍ତକ ସାଧାରଣ ପ୍ରକାଶକମାନେ ପ୍ରକାଶ କରୁଛନ୍ତି ଏବଂ ଏସବୁ ମୁକ୍ତ ବଜାରରେ ଉପଲବ୍ଧ ହେଉଛି । ଆଗ୍ରହୀ ଯାଦୁକରମାନଙ୍କ ସମେତ ଆଗ୍ରହୀ ଜନସାଧାରଣ ମଧ୍ୟ ଏସବୁ ପୁସ୍ତକ ପାଇବାରେ ଅସୁବିଧା ନାହିଁ । ଆଉ ଟିକିଏ ପେଶାଦାର ସ୍ତରକୁ ଗଲେ ଜଣାଯାଏ, ଯାଦୁବିଦ୍ୟାର ଉଚ୍ଚତର ସୋପାନର ଗ୍ରନ୍ଥମାନଙ୍କ ପ୍ରକାଶନ ସ୍ୱତନ୍ତ୍ର ଯାଦୁ ପ୍ରକାଶନ ସଂସ୍ଥାମାନେ ହାତକୁ ନେଇଥାଆନ୍ତି । ଏସବୁ ପୁସ୍ତକ ସର୍ବସଧାରଣଙ୍କ ପାଇଁ ଉପଲବ୍ଧ ନୁହେଁ । ଏସବୁ ସ୍ୱତନ୍ତ୍ର ଯାଦୁ ସାମଗ୍ରୀ ବିତରକମାନଙ୍କ ଦ୍ୱାରା ଯାଦୁକରମାନଙ୍କୁ ଉପଲବ୍ଧ ।

ଅବଶ୍ୟ ବେଳେବେଳେ ସାମାନ୍ୟ ବ୍ୟତିକ୍ରମ ମଧ୍ୟ ପରିଲକ୍ଷିତ ହୁଏ । ଗୋଟିଏ ପୁସ୍ତକର ଦାମୀ ସଂସ୍କରଣ ସ୍ୱତନ୍ତ୍ର ଯାଦୁବିଦ୍ୟା ପ୍ରକାଶନ ସଂସ୍ଥାଦ୍ୱାରା ହେଉଥିଲାବେଳେ କେତେକ ଏପରି ପୁସ୍ତକର ସ୍ୱଳ୍ପମୂଲ୍ୟ ସଂସ୍କରଣମାନ ସାଧାରଣ ବୃହତ୍ ପ୍ରକାଶକମାନେ ମଧ୍ୟ କରିଥାନ୍ତି । ତେବେ ପୁରୁଣା ଓ ଲୋକପ୍ରିୟ ପୁସ୍ତକମାନଙ୍କ କ୍ଷେତ୍ରରେ ପ୍ରାୟତଃ ଏପରି ହୋଇଥାଏ । ଶହେ ଦୁଇ ଶହ ବର୍ଷ ପୂର୍ବେ ଯେଉଁ ସବୁ ଯାଦୁପୁସ୍ତକର ଡାଲାଦିଆ ସଂସ୍କରଣମାନ ପ୍ରକାଶ ପାଉଥିଲା, ଏବେ ସେସବୁର ଲୋକପ୍ରିୟ ସଂସ୍କରଣମାନ ସର୍ବସାଧାରଣରେ ଉପଲବ୍ଧ ହୋଇପାରୁଛି । (ଆଗେ ଶ୍ରେଷ୍ଠ ଯାଦୁଗ୍ରନ୍ଥମାନଙ୍କରେ

ଗୁବି ପଢ଼ିବାର ବ୍ୟବସ୍ଥା ମଧ୍ୟ ଥିଲା) । କିନ୍ତୁ ପ୍ରସିଦ୍ଧ ବିଶାରଦମାନଙ୍କ ଦ୍ୱାରା ଲିଖିତ ଏହି ବିଶେଷ ପେଷାଦାର ସ୍ତରର ଗ୍ରନ୍ଥମାନ ପ୍ରାୟତଃ ସ୍ୱତନ୍ତ୍ର ଯାଦୁ ପ୍ରକାଶନମାନଙ୍କ ଦ୍ୱାରା ହୋଇଥାଏ । ଏଗୁଡ଼ିକ ଅତ୍ୟନ୍ତ ବ୍ୟୟବହୁଳ । ଏହି ବିଶେଷ ଧରଣର ପ୍ରକାଶକମାନେ ପ୍ରକାଶ କରୁଥିବା ଗ୍ରନ୍ଥସବୁରେ ମଧ୍ୟ ସ୍ତର ଭେଦ ରହିଛି ।

ଅତ୍ୟନ୍ତ ପେଷାଦାର ସ୍ତରର ପୁସ୍ତକଗୁଡ଼ିକ ଆହୁରି ବ୍ୟୟ ବହୁଳ । ଏସବୁ କିଣିଲାବେଳେ ଲାଗେ ଯେପରି ଗୋଟିଏ ଗୋଟିଏ ଶବ୍ଦ ପାଇଁ ଆମକୁ ଅନେକ ମୂଲ୍ୟ ଦେବାକୁ ପଡୁଛି ।

ଏସବୁ ଏତେ ବ୍ୟୟ ବହୁଳ ହେବାର କାରଣ ଏହାର ସୀମିତ ସଂଖ୍ୟାରେ ପ୍ରକାଶନ ଏବଂ ଗୋପନୀୟତା ନିମନ୍ତେ ଇଚ୍ଛାକୃତ ଭାବେ ସୀମିତ ପ୍ରସାରଣ ଉଦ୍ଦେଶ୍ୟରେ ଉଚ୍ଚମୂଲ୍ୟ ନିର୍ଦ୍ଧାରଣ ।

ସାମ୍ପ୍ରତିକ ଯାଦୁ ସାହିତ୍ୟ ସମ୍ବନ୍ଧରେ ଏହା ସମ୍ୟକ ଚିତ୍ର ମାତ୍ର ।

❑❑❑

# ଯାଦୁକରର ଶପଥ

ଯାଦୁ ବିଦ୍ୟା କ୍ଷେତ୍ରରେ ଗୋପନୀୟତା ରକ୍ଷା ଅତ୍ୟନ୍ତ ଜରୁରୀ । ଏହାର ମାର୍ଜିତ ପ୍ରଦର୍ଶନ ପାଇଁ କଠୋର ଶୃଙ୍ଖଳା ଆବଶ୍ୟକ । ସାରା ସଂସାରରେ ଯାଦୁକରମାନେ ଉକ୍ତ କଳାର ମର୍ଯ୍ୟାଦା ରକ୍ଷା ପାଇଁ ଯେଉଁ ଶପଥ ଗ୍ରହଣ କରି ଥାଆନ୍ତି ଦେଶକାଳପାତ୍ର ଭେଦରେ ଭିନ୍ନ ଭିନ୍ନ ଶବ୍ଦ ସଂଯୋଜନା ରୂପେ ପ୍ରତୀୟମାନ ହେଉଥିଲେ ହେଁ ବିଶ୍ୱବ୍ୟାପି ଏହାର ମୂଳତତ୍ତ୍ୱରେ କିଛି ଫରକ ନାହିଁ ।

ଯାଦୁକର ହେବାକୁ ସଂକଳ୍ପବଦ୍ଧ ପ୍ରତ୍ୟେକ ବ୍ୟକ୍ତି - ପେଷାଦାର, ଅଥବା ସୌଖୀନ - ସମସ୍ତେ, ନିଷ୍ଠାର ସହ ସ୍ୱତଃସ୍ଫୂର୍ତ୍ତ ଭାବେ ଏହାର ପାଳନ କରିବା ଏକାନ୍ତ ଜରୁରୀ ।

ଏହାର ମର୍ମ ଏହିପରି : -

"ମୁଁ ସ୍ୱତଃ ନିଷ୍ଠାର ସହ ଏହି ସଂକଳ୍ପ କରୁଛି କି ଯାଦୁ ବିଦ୍ୟାର ମହତ୍ତ୍ୱକୁ ଅଗ୍ରାଧିକାର ଦେବା ସହ ଯାଦୁବିଦ୍ୟାର ଗୋପନୀୟତାକୁ ବଜାୟ ରଖିବି । ଚିହ୍ନା ଅଚିହ୍ନା ସମସ୍ତ ଯାଦୁକରମାନଙ୍କୁ ସମ୍ମାନ ପ୍ରଦର୍ଶନ କରିବି । ଆୟତ କରିଥିବା ଯାଦୁ ବିଦ୍ୟାକୁ କେବଳ ମନୋରଞ୍ଜନ ଓ ସମାଜର କଲ୍ୟାଣ ପାଇଁ ପ୍ରୟୋଗ କରିବି ।"

ଏହି ମର୍ମର ଶପଥ ଗ୍ରହଣ ଓ ନିରବଚ୍ଛିନ୍ନ ଭାବେ ଏହାର ପାଳନ ଯାଦୁକରଙ୍କୁ ଉତ୍କର୍ଷ ଦିଗରେ ଅଗ୍ରସର ହେବାକୁ ସହାୟକ ହେବା ସହ ଯାଦୁକର ସମାଜର ସମ୍ମାନ ବୃଦ୍ଧିରେ ଅତ୍ୟନ୍ତ ସହାୟକ ହୋଇଥାଏ ।

ଉକ୍ତ ବିଷୟରେ ସମ୍ୟକ ଆଲୋଚନାକୁ ପ୍ରାସଙ୍ଗିକ ମନେକରୁଛି ।

**ଯାଦୁବିଦ୍ୟାର ମହତ୍ତ୍ୱକୁ ବଜାୟ ରଖିବା :**

ଯାଦୁବିଦ୍ୟାର ମହତ୍ତ୍ୱ ବଜାୟ ରହିଲେ ବ୍ୟକ୍ତିଗତ ଭାବେ ଯାଦୁକରର ସମ୍ମାନ ଓ ମହତ୍ତ୍ୱ ମଧ୍ୟ ବଜାୟ ରହିବ । ସମାଜର ପ୍ରତ୍ୟେକ ସଦସ୍ୟଙ୍କର ବ୍ୟକ୍ତିଗତ ଉତ୍କର୍ଷ ଉପରେ ଏକ ମହାନ ସମଷ୍ଟିଗତ ପରମ୍ପରା ନିର୍ଭରଶୀଳ ।

**ଯାଦୁବିଦ୍ୟାର ଗୋପନୀୟତା ରକ୍ଷାରେ :**

ଆମେ ଆଜି ଯେଉଁ ଚମତ୍କାର ଯାଦୁଖେଳ ପ୍ରତି ଆକର୍ଷିତ, ସେସବୁର ଇତିହାସ ମଧ୍ୟ ଅତ୍ୟନ୍ତ ଚମତ୍କାର । ଯୁଗ ଯୁଗ ଧରି କେତେ କେତେ ମହାମାନବଙ୍କ ଉଦ୍ଭାବନ

ରୂପକ ଅମୂଲ୍ୟରତ୍ନମାନ ଆଜି ଆମର ଜ୍ଞାନଭଣ୍ଡାରକୁ ଦୀପ୍ତ କରୁଛି । ସେସବୁ ଆମର ନିଷ୍ଠା ଓ ଆଗ୍ରହଯୋଗୁଁ ଆମକୁ ପ୍ରାପ୍ତ ହୋଇଛି । ସେ ଅମୂଲ୍ୟ ରତ୍ନ ଭଣ୍ଡାର ସୁରକ୍ଷାର ଭାର ଆମକୁ ସମସ୍ତ ବିଶ୍ୱସନୀୟତା ସହ ବହନ କରିବାକୁ ହେବ ।

ଯାଦୁକରମାନଙ୍କୁ ସମ୍ମାନ ପ୍ରଦର୍ଶନ କରିବାରେ :

ଏହାର ଅର୍ଥ ଏପରି ନୁହେଁ ଯେ ଅନ୍ୟ ଯାଦୁକରଙ୍କୁ ଆମେ ସାଷ୍ଟାଙ୍ଗ ପ୍ରଣିପାତ କରିବାରେ ତାଙ୍କର ସମ୍ମାନ ହେବ । ମନେକରନ୍ତୁ ଆପଣ କୌଣସି ଯାଦୁକରଙ୍କ ପ୍ରଦର୍ଶନ ଦେଖୁଛନ୍ତି । ସେ ପ୍ରଦର୍ଶନ କରୁଥିବା କୌଣସି ଖେଳର କୌଶଳ ଆପଣଙ୍କୁ ବି ଜଣା । ତଥାପି ଯଦି ତାଙ୍କୁ ଅପଦସ୍ତ ନ କରି ନିରବରେ ତାଙ୍କ ଖେଳ ଉପଭୋଗ କରନ୍ତି ତେବେ ଏହା ନିଶ୍ଚୟ ପରୋକ୍ଷରେ ତାଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ । ଏହା ଯାଦୁକଳା ପ୍ରତି ମଧ୍ୟ ସମ୍ମାନ ପ୍ରଦର୍ଶନ । ଏହା ଗୋଟିଏ ଉଦାହରଣ ମାତ୍ର । ଅନେକ ସମୟରେ ଦେଖାଯାଏ, କିଞ୍ଚିତ ଜ୍ଞାନ ସମ୍ପର୍ଣ୍ଣ ଯାଦୁକରମାନେ ଦର୍ଶକ ଗ୍ୟାଲେରୀରୁ ଚିତ୍କାର କରି ଯାଦୁ ପ୍ରଦର୍ଶନରେ ବ୍ୟାଘାତ ସୃଷ୍ଟି କରିଥାଆନ୍ତି ।

ଯାଦୁଖେଳ ଚାଲିଥିଲାବେଳେ ଦର୍ଶକମଣ୍ଡଳୀରେ ବସିଥିବା ଏପରି କେତେକ ବ୍ୟକ୍ତି ନିଜ ନିଜରବନ୍ଧୁ, ପ୍ରେମିକା, ସହପାଠୀମାନଙ୍କୁ ପ୍ରଭାବିତ କରିବା ଏବଂ ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବା ଆଦି ଲାଳସାରେ ବାହାଦୁରୀ ନେବା ପାଇଁ, ଠିକ୍ ହେଉ ବା ନ ହେଉ, ଚାଲିଥିବା ଖେଳର କୌଶଳ ବଖାଣିବାରେ ଆନନ୍ଦ ପାଆନ୍ତି । ଏସବୁ କଳା ଓ କଳାକାରଙ୍କ ପ୍ରତି ଅସମ୍ମାନଜନକ ।

ବିଦ୍ୟାର ସକରାତ୍ମକ ପ୍ରୟୋଗ :

ଯାଦୁବିଦ୍ୟା ଏକ ଦୁଇପଟେ ଧାରଥିବା ତରବାରୀ ସଦୃଶ । ଏହାର ପ୍ରୟୋଗ ସକାରାତ୍ମକଭାବେ କେବଳ ମନୋରଞ୍ଜନ ଓ ମାନବ ସମାଜର କଲ୍ୟାଣ ନିମନ୍ତେ ହୋଇପାରେ ଏବଂ ନକାରାତ୍ମକଭାବେ ନିରିହ ଜନସାଧାରଣଙ୍କୁ ପ୍ରବଞ୍ଚିତ କରିବାରେ ମଧ୍ୟ ହୋଇଥାଏ । ଯାଦୁବିଦ୍ୟାର ଇତିହାସରେ ଏପରି ନକାରାତ୍ମକ ପ୍ରୟୋଗର ଅନେକ ଦୃଷ୍ଟାନ୍ତ ମିଳେ । ଏବେ ମଧ୍ୟ ଅନେକ ଭଣ୍ଡ ଏହିଭଳି ପ୍ରୟୋଗ କରି ସରଳ ଜନତାଙ୍କୁ ନାନା ଉପାୟରେ ଶୋଷଣ କରୁଛନ୍ତି ।

ଆଧୁନିକ ଶିକ୍ଷିତ ଯାଦୁକର ତାର ସାମାଜିକ ଦାୟିତ୍ୱ ପ୍ରତି ସଦା ସଚେତନ ରହିବା ଅତ୍ୟନ୍ତ ଜରୁରୀ ।

□□□

*"ମୁଁ କାହାକୁ କିଛି ଶିଖାଇ ପାରିବି ନାହିଁ । କିନ୍ତୁ ଚିନ୍ତା କରିବାକୁ ଉତ୍ସାହିତ କରିପାରିବି ।"*

*- ସକ୍ରେଟିସ୍*

# କାହାଣୀଟିଏ

"ଜଣେ ବ୍ୟକ୍ତିଙ୍କର ତବଲା ଶିଖିବାପାଇଁ ଦୁର୍ବଳତା ଥିଲା, ଏଠୁ ସେଠୁ କିଛି କିଛି ମଧ୍ୟ ସେ ଶିଖିଥିଲେ । ତେବେ ଆହୁରି ଆଗକୁ ବଢ଼ିବାର ସୁଯୋଗ ପାଇନଥିଲେ । କିଛିଦିନ ପରେ ସେ ଜାଣିବାକୁ ପାଇଲେ ଯେ ତାଙ୍କ ବସ୍ତିରେ ଜଣେ ତବଲା ଶିକ୍ଷକ ଆସି ରହୁଛନ୍ତି । ଅନୁସନ୍ଧାନ କରି ଜାଣିଲେ ଯେ ଶିକ୍ଷାଦାନ ପାଇଁ ମାସିକ ୧୦୦ ଟଙ୍କା ତାଙ୍କ ପାଉଣା ।

ପୁରୁଣା ଇଚ୍ଛା ଯାଗିଉଠିବାରୁ ଦିନେ ସେ ଶିକ୍ଷକଙ୍କୁ ଭେଟିବାକୁ ଗଲେ ଓ ନିଜର ମନବାଞ୍ଛା ବ୍ୟକ୍ତ କଲେ । ଶିକ୍ଷକ ମଧ୍ୟ ତାଙ୍କୁ କିଛି ପ୍ରାରମ୍ଭିକ ପଚରାଉଚରା ପରେ ଶିଷ୍ୟ ରୂପେ ଗ୍ରହଣ କରିବାକୁ ରାଜି ହେଲେ ଏବଂ ମାସିକ ୧୫୦ ଟଙ୍କା ଦେୟ ବୋଲି ଜଣାଇଲେ ।

ଏକଥା ଶୁଣି ଶିକ୍ଷାର୍ଥୀ ଆଶ୍ଚର୍ଯ୍ୟ ହୋଇ ପଚ଼ାରିଲେ, ଅନ୍ୟ ଶିକ୍ଷାର୍ଥୀମାନଙ୍କ ଠାରୁ ଶହେ ଟଙ୍କା ବେଳେ ତାଙ୍କ ପାଇଁ ଦେଢ଼ଶହ କାହିଁକି ?

ଗୁରୁ କହିଲେ, ମୁଁ ଯେଉଁମାନଙ୍କୁ ଶିକ୍ଷାଦାନ କରୁଛି, ସେମାନେ ସମସ୍ତେ ନୂଆ । ମୁଁ ପ୍ରଥମରୁ ହିଁ ତାଙ୍କୁ ଶିକ୍ଷାଦାନ କରୁଛି । କିନ୍ତୁ ତୁମେ ଏ ବିଷୟରେ କିଛି ଜ୍ଞାନ ହାସଲ କରିସାରିଛି । ଦୁଃଖର କଥା, ତୁମେ ହାସଲ କରିଥିବା ଅନେକ କଥା ଠିକ୍ ବାଟରେ ନୁହଁ । ସେସବୁ ଭୁଲ୍‌କୁ ସୁଧାରି ତୁମକୁ ଉପଯୁକ୍ତ ଭାବେ ପ୍ରସ୍ତୁତ କରିବା ପାଇଁ ମୋତେ ଯେଉଁ ଅଧିକ ପରିଶ୍ରମ କରିବାକୁ ପଡ଼ିବ ସେଥିପାଇଁ ଅଧିକ ପାଉଣା ।"

ବିଭିନ୍ନ ମାର୍ଗ ମଧ୍ୟରୁ ଉପଯୁକ୍ତ ଏବଂ ସଠିକ୍ ମାର୍ଗ ଚୟନ କରିବାର ସତର୍କତା ଅବଲମ୍ବନ କରିବା ଏବଂ ଉପଯୁକ୍ତ ଗୁରୁଙ୍କଠାରୁ ଶିକ୍ଷାଲାଭ କରିବା ଉଚିତ୍ । ନଚେତ୍ ଓଲଟା ଫଳ ମିଳିବାର ଭୟ ଅଛି ।

ଆଗରୁ କୁହାଯାଇଛି, ପୂର୍ବେ ଯାଦୁବିଦ୍ୟାର କୌଶଳଗୁଡ଼ିକ ଅତ୍ୟନ୍ତ ଗୋପନୀୟ ଥିଲା । ଉପର ଠାଉରିଆ ଭାବେ ଏ ବିଦ୍ୟା ଶିକ୍ଷା କରିବାକୁ ଆଗ୍ରହୀ ବ୍ୟକ୍ତିଙ୍କ ନିମନ୍ତେ

ଛଦ୍ମ ସାହିତ୍ୟ ସୃଷ୍ଟି କରାଯାଇ ସେମାନଙ୍କୁ ଏ ଦିଗରୁ ଦୂରେଇ ରଖିବାକୁ ମଧ୍ୟ ପ୍ରୟାସ କରାଯାଉଥିଲା ।

"ଅମୁକ ନକ୍ଷତ୍ରରେ ନେଉଳଟିଏ ମାରି ତା ପାଟିରେ କପା ମଞ୍ଜି ରଖି ସେ ମଞ୍ଜି ପୋତିବ । ଗଛ ହୋଇ ଯେଉଁ ତୁଳା ଉତ୍ପନ୍ନ ହେବ ସେଥିରେ ସଳିତା ପ୍ରସ୍ତୁତ କରି ପ୍ରଦୀପ ପ୍ରଜ୍ୱଳନ କଲେ ସେ ଆଲୋକରେ ଘର ସାରା ନେଉଳ ଦୃଶ୍ୟ ହେବେ" ଆଦି ଶହ ଶହ ବିଭ୍ରାନ୍ତିକର ଓ ଅନେକ ସ୍ଥଳରେ ବିପଦଜନକ ବର୍ଣ୍ଣନାମାନ ଛଦ୍ମ ସାହିତ୍ୟର ନମୁନା ।

❑❑❑

# ଭାଗ - ୨

# ସଫଳତାର ଅସଲ ରହସ୍ୟ

ଆଗରୁ କୁହାଯାଇଛି, ଯାଦୁବିଦ୍ୟା "କୌଶଳ ସର୍ବସ୍ୱ" । ଏଥିପାଇଁ ମଧ ଅନେକ ସ୍ୱତନ୍ତ୍ର ଧରଣର ଉପକରଣମାନ ଅଛି । ପୂର୍ବେ ଯାଦୁ ଉପକରଣସବୁ ସହଜରେ ଉପଲବ୍ଧ ହେଉନଥିବା ବେଳେ ଏବେ ସେସବୁ ରାସ୍ତାକଡ଼ରେ ମିଳିଲାଣି । ମେଳା, ଯାତ୍ରାମାନଙ୍କରେ ଯେଉଁଠି ଯାଦୁ ସାମଗ୍ରୀର ଦୋକାନ ମାନ ଖୋଲୁଛି, ସେଠାରେ ପ୍ରବଳ ଗହଳି ଲକ୍ଷ କରାଯାଉଛି ଏବଂ ସେସବୁ ସାମଗ୍ରୀର କାରବାର ମଧ ଭଲ ହେଉଛି । ତେବେ ପ୍ରଶ୍ନ ଉଠେ, ଯାଦୁ ସାମଗ୍ରୀମାନ ସହଜଲବ୍ଧ ହେବାସତ୍ତ୍ୱେ ଭଲ ଯାଦୁଗର ବାହାରୁ ନାହାନ୍ତି କାହିଁକି ? ଏହାର କାରଣ, ଏଭଳି ଆଗ୍ରହୀ ବ୍ୟକ୍ତିମାନଙ୍କର ଆଗ୍ରହ ସାମୟିକ ଏବଂ ଉପରଠାଉରିଆ । କୌଣସି ଭଲ ଯାଦୁ ପ୍ରଦର୍ଶନଟିଏ ମନକୁ ପାଇଗଲେ ରାତାରାତି ଚରକା ପାଲଟି ଯିବା ଲକ୍ଷ୍ୟରେ ସେମାନେ ଯାଦୁ ସାମଗ୍ରୀ କିଣିଥାଆନ୍ତି । ଆଉ କେତେକ ଏସବୁ କିଣି ଥାଆନ୍ତି ସେସବୁର ଗୋପନୀୟ ରହସ୍ୟ ଜାଣିବାର କୌତୁହଳ ହେତୁ ।

ଯେଉଁମାନେ କେବଳ କୌତୁହଳବଶତଃ ଗୋପନୀୟ ରହସ୍ୟ ଜାଣିବା ପାଇଁ ସାମଗ୍ରୀକ୍ରୟ କରନ୍ତି, ରହସ୍ୟ ଜାଣିଗଲା ପରେ ସେମାନଙ୍କର ଆଗ୍ରହ ଲୋପପାଏ । ସାମଗ୍ରୀଗୁଡ଼ିକ ଏଣେ ତେଣେ ପକାଇ ଦିଅନ୍ତି ନତୁବା ଅନ୍ୟମାନଙ୍କୁ ଦେଇଦିଅନ୍ତି । ଏହା ଯାଦୁବିଦ୍ୟା ପ୍ରତି ଘୋର ଅପମାନ ।

ଆଉ ଯେଉଁ ଶ୍ରେଣୀର କ୍ରେତା, ବିକ୍ରେତାଙ୍କ ବିକ୍ରୟ ଜନିତ ପ୍ରଦର୍ଶନରେ ମୁଗ୍ଧ ହୋଇ ନିଜେ ସେଭଳି ଚମତ୍କାର ସୃଷ୍ଟି କରିବାର ଲକ୍ଷ୍ୟରେ ସାମଗ୍ରୀ କ୍ରୟ କରନ୍ତି, ସେମାଙ୍କର ମଧରୁ ଅଧିକାଂଶ ଯେତେବେଳେ ଉପଲବ୍ଧି କରନ୍ତି ଯେ ସଫଳ ଯାଦୁ ପ୍ରଦର୍ଶନ ନିମନ୍ତେ ଉପକରଣଗୁଡ଼ିକ ବ୍ୟତୀତ ଅନେକ ସୂକ୍ଷ୍ମ ତତ୍ତ୍ୱ ଅଛି, ଯେଉଁଗୁଡ଼ିକୁ ଆୟତ କରିବା ପାଇଁ ଦୀର୍ଘ ନିଷ୍ଠାପର ସାଧନା ବା ଅଭ୍ୟାସ ପ୍ରୟୋଜନ ଏବଂ ଯେଉଁଥିପାଇଁ ସମୟ ଦେବା ପାଇଁ ସେମାନେ କୌଣସି କୌଣସି କାରଣରୁ ସମର୍ଥ ନୁହନ୍ତି, ସେତେବେଳେ ସେମାନଙ୍କର ଏ ଦିଗରେ ପ୍ରଗତି ବାଧାପ୍ରାପ୍ତ ହୁଏ । ସେଇଠି ଏଭଳି ଉପରଠାଉରିଆ ଆଗ୍ରହର ପରିସମାପ୍ତି ଘଟେ ।

କିନ୍ତୁ ଯେଉଁମାନେ ସୂକ୍ଷ୍ମ ଦୃଷ୍ଟିରେ ଆହୁରି ଆଗକୁ ଦେଖନ୍ତି ଏବଂ ଆଗେଇବାରେ

ବଳ୍ର ଶପଥ ନିଅନ୍ତି ସେମାନେ ହିଁ ଆଗକୁ ବଢ଼ନ୍ତି । ଏହି ନିଷ୍ଠାପରର ସାଧକମାନଙ୍କ ପ୍ରଗତିକୁ ତ୍ୱରାନ୍ୱିତ କରିବାପାଇଁ ଆବଶ୍ୟକ ତଥ୍ୟାଦି ଯଦି ସେମାନଙ୍କ ପାଇଁ ସହଜଲଭ୍ୟ ହୁଏ ତେବେ ସେମାନଙ୍କ ମଧ୍ୟରୁ ତାରକା ସୃଷ୍ଟି ହୁଅନ୍ତି ।

ଏଇ ପରିପ୍ରେକ୍ଷିରେ ଗପଟିଏ ଅବତାରଣା କରୁଛି ଯାହା ମୁଁ କିଛି ବର୍ଷପୂର୍ବେ ପରିଚାଳନା କରୁଥିବା ମ୍ୟାଜିକ୍ ସ୍କୁଲ୍‌ର ଛାତ୍ରମାନଙ୍କୁ ପ୍ରାୟତଃ କହୁଥିଲି :-

"କୃଷକଟିଏ କିଛି ମଞ୍ଜିନେଇ ନିଜ କ୍ଷେତକୁ ବୁଣିବାକୁ ଯାଉଥିଲେ । ଗଲାବେଳେ ବାଟରେ ତାଙ୍କ ଟୋକେଇରୁ କିଛି ମଞ୍ଜି ବାଟରେ ବୁଣିହୋଇ ଯାଉଥିଲା । ସେଥିରୁ କିଛି ରାସ୍ତା ଉପରେ ପଡୁଥିଲା, କିଛି ରାସ୍ତା କଡ଼ର ପଥର ଖୋଲରେ ପଡୁଥିଲେ । ବିଲରେ ପହଞ୍ଚି ଟୋକେଇରେ ଥିବା ଅବଶିଷ୍ଟ ବିହନକୁ ସେ ଉପଯୁକ୍ତଭାବେ ପ୍ରସ୍ତୁତ କ୍ଷେତରେ ବୁଣିଦେଲେ ।

ରାସ୍ତା ଉପରେ ପଡ଼ିଥିବା ମଞ୍ଜିସବୁ ଯଦିଓ ଭଲ ଥିଲେ, ଗଜାହେବା ଆଗରୁ ସେସବୁ ପଥଚାରିଙ୍କ ପାଦତଳେ ମକଚି ହୋଇଗଲେ । ରାସ୍ତାକଡ଼ର ପଥର ଖୋଲରେ ପଡ଼ିଥିବା ମଞ୍ଜିମାନ କିଞ୍ଚିତ୍ ମାଟି ଓ କାକରପାଣି ପାଇ ଗଜାହେଲେ ସତ କିନ୍ତୁ ଆହୁରି ଆଗକୁ ବଢ଼ିବା ପାଇଁ ଆବଶ୍ୟକ ପୁଷ୍ଟି ଅଭାବରୁ ଶୁଖିଗଲେ । ଉପଯୁକ୍ତ ଭାବେ ପ୍ରସ୍ତୁତ ବିଲରେ ସିଞ୍ଚନ କରାଯାଇଥିବା ମଞ୍ଜିମାନ ସଯତ୍ନ ପରିବେଶରେ ପୂର୍ଣ୍ଣ ବିକଶିତ ହୋଇ ଉପଯୁକ୍ତ ଅମଳ ପ୍ରଦାୟକ ହେଲେ ।"

ସାମ୍ପ୍ରତିକ ପରିସ୍ଥିତିରେ ଯାଦୁ ଉପକରଣମାନ ସହଜଲବ୍ଧ ହୋଇଥିବା ହେତୁ ଉକ୍ତ ପୁସ୍ତକରେ ଯାଦୁକୌଶଳ ଅପେକ୍ଷା ସେସବୁକୁ ସଫଳଭାବରେ ପରିବେଷଣ ନିମନ୍ତେ ଆବଶ୍ୟକ ସୂକ୍ଷ୍ମତତ୍ତ୍ୱ ଓ ଅନ୍ୟାନ୍ୟ ଆନୁସଙ୍ଗିକ ବିଷୟମାନଙ୍କ ଉପରେ ଅଧିକ ଗୁରୁତ୍ୱ ଦେଉଛି । ଯଥାର୍ଥରେ କୁହାଯାଇଛି ଯେ ସଫଳ ଯାଦୁକର ହେବାପାଇଁ ଯାଦୁ ସାମଗ୍ରୀ ଓ ଉପକରଣମାନଙ୍କର ଗୁରୁତ୍ୱ ଶତକଡ଼ା ପ୍ରାୟ ୧୦ ଭାଗ ହେବା ସ୍ଥଳେ ପ୍ରଦର୍ଶନ ଶୈଳୀର ଗୁରୁତ୍ୱ ଶତକଡ଼ା ୯୦ ଭାଗ । ଏସବୁର ଜ୍ଞାନ, ସାଧନା, ସିଦ୍ଧି ଏବଂ ସଫଳ ପ୍ରୟୋଗ ସଫଳତାର ପ୍ରକୃତ ରହସ୍ୟ ।

ଏସବୁ ବିଷୟରେ, ଯେଉଁଗୁଡ଼ିକ ଆମର ଶିକ୍ଷାର୍ଥୀମାନେ ଉପଯୁକ୍ତ ଗୁରୁତ୍ୱ ଦେଇନଥାନ୍ତି, ସେ ସଂପର୍କରେ ସମ୍ୟକ ଆଲୋକପାତ କରିବା ଉକ୍ତ ପୁସ୍ତକର ଅସଲ ଉଦ୍ଦେଶ୍ୟ ।

ଏଇଠି କହି ରଖିବା ପ୍ରାସଙ୍ଗିକ ହେବ ଯେ, ଦର୍ଶକଙ୍କ ସମ୍ନାରେ ନିଜକୁ ବା ନିଜର କଳା କୌଶଳକୁ ପରିବେଷଣ କରିବାର ଆବଶ୍ୟକୀୟ ଆନୁସଙ୍ଗିକ ବିଷୟମାନ କେବଳ ଯାଦୁକରମାନଙ୍କ ପାଇଁ ନୁହେଁ, ସମସ୍ତ ପରିବେଷଣକାରୀମାନଙ୍କ ପାଇଁ ଅଛି ବହୁତ ପ୍ରଯୁଜ୍ୟ ।

ଏଇ ବିଭାଗ ସେସବୁର ସମ୍ୟକ ଆଲୋଚନା ପାଇଁ ଉଦ୍ଦିଷ୍ଟ ଏବଂ ପୁସ୍ତକଟିର ପ୍ରକୃତ ଉଦ୍ଦେଶ୍ୟ । ତେବେ ଚାଲନ୍ତୁ ଜାଣିବା ସେଗୁଡ଼ିକ କଣ ?

□□□

# ମଞ୍ଚ ପରିଚୟ

କୁହାଯାଏ, ଜଣେ ଅଭିନେତା ଭଲ ଯାଦୁଗର ହୋଇପାରିବ କିନ୍ତୁ ଜଣେ ଯାଦୁକର ଯେ ଭଲ ଅଭିନେତା ହେବ, ଏହା ସବୁ କ୍ଷେତ୍ରରେ ସମ୍ଭବ ନୁହେଁ ।

ଏହାର ତାତ୍ପର୍ଯ୍ୟ ହେଉଛି, ସଫଳ ଯାଦୁକର ହେବା ପାଇଁ ଅଭିନୟ କଳା ଏବଂ ମଞ୍ଚ ସମ୍ବନ୍ଧୀୟ ଜ୍ଞାନରେ ଯାଦୁକର ଅଭିଜ୍ଞ ହେବା ବାଞ୍ଛନୀୟ ।

ଏ ଅଧ୍ୟାୟର ଆଲୋଚନା ମୁଖ୍ୟତଃ ମଞ୍ଚ ଉପରେ ପ୍ରଦର୍ଶିତ ଯାଦୁ ସମ୍ବନ୍ଧରେ ।

ରଙ୍ଗମଞ୍ଚ, ତନିଦିଗରୁ ଆବଦ୍ଧ ଉଚ୍ଚ ପିଣ୍ଡି । ସମ୍ମୁଖରେ ଉପବେଶିତ ଦର୍ଶକ ମଣ୍ଡଳୀ । ମଞ୍ଚ ସମ୍ମୁଖରେ ପରଦା । ପ୍ରେକ୍ଷାଳୟ ଆଲୋକିତ । ମୃଦୁ ମଧୁର ସଂଗୀତର ଗୁଞ୍ଜରଣ । ପ୍ରେକ୍ଷାଳୟ ଯଦି ବାତାନୁକୁଳିତ, ଦର୍ଶକ ନିଶ୍ଚୟ ଆରାମରେ ପ୍ରତୀକ୍ଷା କରୁଛନ୍ତି- କେତେବେଳେ ମଞ୍ଚ ପରଦା ଖୋଲିବ । ବାୟୁମଣ୍ଡଳ ସୁଗନ୍ଧିତ । କଳାକାରଙ୍କୁ ସ୍ୱାଗତ କରିବାକୁ ଦର୍ଶକମଣ୍ଡଳୀ ଉତ୍କଣ୍ଠିତ । ଉପଯୁକ୍ତ ସମୟ ଉପଗତ ।

ଯଥା ସମୟରେ ପ୍ରେକ୍ଷାଳୟର ଆଲୋକସବୁ ଲିଭିଗଲେ, ସଙ୍ଗୀତର ସ୍ୱର ବଦଳିଗଲା, ଆସ୍ତେ ଆସ୍ତେ ମଞ୍ଚ ଆଲୋକିତ ହୋଇ ଉଠିଲା, ପରଦା ଧିରେ ଧିରେ ଅପସରିଗଲା । ମଞ୍ଚକୁ ପ୍ରବେଶ କଲେ ଯାଦୁକର ତାଙ୍କ ନିଜସ୍ୱ ଭଙ୍ଗୀରେ, ଦର୍ଶକମଣ୍ଡଳୀକୁ ଅଭିବାଦନ ଭଙ୍ଗୀରେ ସ୍ୱାଗତ କରି ସସ୍ମିତ ବଦନରେ ମଞ୍ଚର ସମୀପ ମଧ୍ୟାଞ୍ଚଳରେ କ୍ଷଣେ ସଳଖ ଠିଆହୋଇ ଅପୂର୍ବ ଚାହାଣୀ ନିକ୍ଷେପ କଲେ ସମଗ୍ର ଦର୍ଶକମଣ୍ଡଳୀକୁ "ଏକ" ମନେକରି । ଉଚ୍ଛ୍ୱସିତ କରତାଳିରେ ଦର୍ଶକମଣ୍ଡଳୀ ପ୍ରତି - ସ୍ୱାଗତ ବ୍ୟକ୍ତ କଲେ ।

ଏଇଠୁ ଆରମ୍ଭ ହେଲା କାର୍ଯ୍ୟକ୍ରମ ।


ଏଇ ଯାହା ଘଟିଗଲା, ଏବଂ ଏବେଠୁଁ କର୍ଯ୍ୟକ୍ରମର ଶେଷପର୍ଯ୍ୟନ୍ତ ଯାହା ଘଟିବାକୁ ଯାଉଛି, ତାହା ଆମ ସମ୍ୟକ ଆଲୋଚନାର ପର୍ଯ୍ୟାୟଭୁକ୍ତ ।

ପ୍ରେକ୍ଷାଳୟର ଆଲୋକସବୁ ଲିଭିଯାଆନ୍ତେ ଏବଂ ମଞ୍ଚ ଆଲୋକିତ ହେବାରେ ହୁଏ କଅଣ ? ପ୍ରେକ୍ଷାଳୟ ଭିତରେ ବସି ପରସ୍ପର ମଧ୍ୟରେ ଆଲୋଚନାରତ ଦର୍ଶକମାନେ ଆଗାମୀ କାର୍ଯ୍ୟକ୍ରମ ପାଇଁ ହଠାତ୍ ପ୍ରସ୍ତୁତ ହୋଇଉଠନ୍ତି । ପରସ୍ପର ମଧ୍ୟରେ ଚାଲିଥିବା ଆଳାପର ଅନ୍ତ ଘଟେ । ନିଜ ପାଖର ଦର୍ଶକଙ୍କ ଉପସ୍ଥିତି ସମ୍ବନ୍ଧୀୟ

ସଚେତନତା ଧିରେ ଧିରେ ଲୋପପାଏ । ଦୃଷ୍ଟି ନିବଦ୍ଧ ହୁଏ ସମୀପସ୍ଥ ଆଲୋକିତ ମଞ୍ଚ ଉପରେ ଆଗାମୀ ମୁହୂର୍ତ୍ତର ତୀବ୍ର ପ୍ରତୀକ୍ଷାରେ ।

ଯାଦୁକର ପ୍ରବେଶ କରନ୍ତି । ଦର୍ଶକମାନେ ସ୍ପଷ୍ଟ ଆଲୋକରେ ଉପଯୁକ୍ତ ପ୍ରସାଧନ ଧାରଣ କରିଥିବା କଳାକାରଙ୍କ ଜାଜୁଲ୍ୟମାନ ରୂପ ଦର୍ଶନରେ ମୁଗ୍ଧ ହୁଅନ୍ତି । ଦର୍ଶକଟିଏ ତାର ବ୍ୟକ୍ତିଗତ ସତ୍ତା ବଦଳରେ ଦର୍ଶକମଣ୍ଡଳୀର ସାମୁହିକ ପ୍ରତିକ୍ରିୟାର ଅଂଶବିଶେଷ ପାଲଟି ଯାଏ । ବର୍ତ୍ତମାନ ସମଗ୍ର କାର୍ଯ୍ୟକ୍ରମର ମୁଖ୍ୟ କେନ୍ଦ୍ରବିନ୍ଦୁ ହେଲେ ଯାଦୁକର । ସେ ଏବେ ମଞ୍ଚରେ ସମ୍ରାଟ । ତାଙ୍କ ନିୟନ୍ତ୍ରଣରେ ଦର୍ଶକ ମଣ୍ଡଳୀ । ଏ ନିୟନ୍ତ୍ରଣ ଶେଷ ପର୍ଯ୍ୟନ୍ତ ଜାରି ରଖିବା ଯାଦୁକର ଦାୟୀତ୍ୱ । ଏହା ନିଶ୍ଚିତ ଏକ ଗୁରୁ ଦାୟୀତ୍ୱ । ସାଧକର ସିଦ୍ଧିର ସ୍ତର ହିଁ ଏହାର ନିର୍ଣ୍ଣାୟକ । ଅସୀମର ସୀମା-ନିର୍ଦ୍ଧାରଣ ମୋ ଭଳି ଅକିଞ୍ଚନ ପକ୍ଷରେ ଧୃଷ୍ଟତା । କିଞ୍ଚିତ ଆଲୋକପାତ ହିଁ କରୁଛି ।

ଦର୍ଶକ ଦେଖିପାରୁଥିବା ମଞ୍ଚର ଚଟାଣକୁ ପ୍ରଭାବ ଭେଦରେ ୬ ଟି କାଳ୍ପନିକ ଅଞ୍ଚଳରେ ବିଭକ୍ତ କରାଯାଇଛି । (ଏହା ଦର୍ଶକ ମଞ୍ଚକୁ ଦେଖୁଥିବାର ଚିତ୍ର ।)




*ମଞ୍ଚ : (ଦର୍ଶକ ଦେଖିପାରୁଥିବା ଅଂଶ)* *(ଚିତ୍ର - ୧)*

U. Up Stage ମଞ୍ଚର ପଛ ଅଂଶ (ଦର୍ଶକଙ୍କଠାରୁ ଦୂରରେ)

D. Down Stage ମଞ୍ଚର ସାମ୍ନା ଅଂଶ (ଦର୍ଶକଙ୍କ ନିକଟରେ)

ମଞ୍ଚର ପଛ ଅଂଶ ଓ ମଞ୍ଚର ସାମ୍ନା ଅଂଶ ପ୍ରତ୍ୟେକକୁ ୩ ଭାଗରେ ବିଭକ୍ତ କରାଯାଇଛି ।

ପ୍ରେକ୍ଷାଳୟକୁ ମୁହଁ କରି ମଞ୍ଚ ଉପରେ ଦଣ୍ଡାୟମାନ ଯାଦୁକରର ବାମ ଓ ଦକ୍ଷିଣ ପାର୍ଶ୍ୱ ଅନୁଯାୟୀ ବାମାଞ୍ଚଳ, ଦକ୍ଷିଣାଞ୍ଚଳ, ଓ କେନ୍ଦ୍ରାଞ୍ଚଳ ।

ପ୍ରଭାବର ଶକ୍ତି ଅନୁଯାୟୀ ସ୍ଥିରୀକୃତ ଅଞ୍ଚଳଗୁଡ଼ିକ କ୍ରମାନ୍ୱୟରେ ଏହିପରି : -

୧. UL - ସବୁଠୁ କମ୍ ପ୍ରଭାବଶାଳୀ ଅଞ୍ଚଳ । ଏହା ଦର୍ଶକଙ୍କ ଠାରୁ ସବୁଠୁ ଦୂରରେ - ବାମପାର୍ଶ୍ୱ


୨. DL - ବାମପାର୍ଶ୍ୱ - ଦର୍ଶକଙ୍କ ସମୀପରେ ।

୩. UR - ମଞ୍ଚର ଦକ୍ଷୀଣ ପାର୍ଶ୍ୱର ପଛ ଅଂଶ ଦର୍ଶକଙ୍କ ଠାରୁ ଦୂର ।

୪. DR - ମଞ୍ଚର ଦକ୍ଷୀଣ ପାର୍ଶ୍ୱର ସାମ୍ନାଅଂଶ- ଦର୍ଶକଙ୍କ ସମୀପବର୍ତ୍ତୀ ।

୫. UC - ମଞ୍ଚର କେନ୍ଦ୍ରାଞ୍ଚଳ - ଦର୍ଶକଙ୍କ ଠାରୁ ଦୂର ।

୬. DC -ମଞ୍ଚର କେନ୍ଦ୍ରାଞ୍ଚଳ - ଦର୍ଶକଙ୍କ ସମୀପରେ । ଏହା ସବୁଠୁଁ ଅଧିକ ପ୍ରଭାବଶାଳୀ ଅଞ୍ଚଳ ।




*(ଚିତ୍ର - ୨)*

*(ପଠନ ସମୟରେ ସୁବିଧାରେ ବ୍ୟବହାର ପାଇଁ ପୂର୍ବୋକ୍ତ ଚିତ୍ରଟି ଏଠାରେ ଓଲଟା ଭାବେ ଦର୍ଶାଯାଇଛି ମାତ୍ର ।)*

ମଞ୍ଚ ଚଟାଣକୁ ଯାଦୁକର କିପରି ବ୍ୟବହାର କରିବେ ତାହା ଟିକିନିକି ଭାବେ ଆଗରୁ ଯୋଜନା କରି ପୂର୍ବରୁ ଯଥେଷ୍ଟ ଅଭ୍ୟାସ କରିବା ପରେ ନିଜର କଳା ପ୍ରଦର୍ଶନ କରିବା ଏକାନ୍ତ ଆବଶ୍ୟକ । ଏକଥା କହିବାର ଗୁରୁତ୍ୱ ଉପଲବ୍ଧି କରୁଛି କାରଣ, ଯାଦୁକର ସମ୍ମିଳନୀମାନଙ୍କରେ କେତେକ ଯାଦୁକର ସେଠାରେ ଖୋଲିଥିବା ସାମଗ୍ରୀ ଦୋକାନରୁ କିଣିଥିବା ଉପକରଣକୁ ମଞ୍ଚ ଉପରେ ଖୋଳରୁ ପ୍ରଥମ ଥର ଖୋଲି ପ୍ରଦର୍ଶନ କରିବାର ପ୍ରୟାସରେ ଲଜ୍ଜାକର ପରିସ୍ଥିତି ସୃଷ୍ଟି କରିବାର ଦେଖିଛି । ଆଉ କେତେକ ରାଜକୀୟ ପୋଷାକ ପରିଧାନ କରି ପାଦରେ ଚପଲ ପିନ୍ଧି ମଞ୍ଚକୁ ଆସି ଥାଆନ୍ତି ତ କେବେ କେତେକଙ୍କ ଅଙ୍ଗଭଙ୍ଗୀ ଓ ଠାଣୀ ଅତ୍ୟନ୍ତ ହାସ୍ୟାସ୍ପଦ ଓ ଅରୁଚିକର ମନେ ହୋଇଥାଏ ।

କୌଣସି ଖେଳଟିର କୌଶଳ ସମ୍ବନ୍ଧରେ ଅବଗତ ହୋଇଗଲେ ଅନେକ ବୋଧହୁଏ ମନେ କରି ଥାଆନ୍ତି ଯେ ଅନାୟାସରେ ସେମାନେ ଏହା ଦର୍ଶକଙ୍କ ସମ୍ମୁଖରେ ଉପସ୍ଥାପନା କରି ପାରିବେ । କିନ୍ତୁ ମଞ୍ଚ ଉପରେ-ସେମାନଙ୍କର ଉପସ୍ଥିତି ଓ ଉପସ୍ଥାପନା ଦର୍ଶକ ଆଖିରେ କିପରି ଚିତ୍ର ସୃଷ୍ଟି କରୁଛି ସେ ବିଷୟରେ ସେମାନେ ଧ୍ୟାନ ଦେଇନଥାନ୍ତି । ଏହା କିନ୍ତୁ ଯାଦୁ କୌଶଳ ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ବିଶାରଦମାନେ ମତ ଦିଅନ୍ତି । ଏହା ନିରାଟ ସତକଥା । ଯାଦୁ ଦୁନିଆକୁ ପ୍ରବେଶ କରୁଥିବା ଅଧିକାଂଶ ବ୍ୟକ୍ତିଙ୍କର ଆକାଙ୍କ୍ଷା ଯେ ସେମାନେ ନିଜର ପ୍ରତିଭା ଦର୍ଶକଙ୍କ ସମୁଖରେ ଉପସ୍ଥାପନା କରି ପ୍ରଶଂସିତ ହେବେ । ତେଣୁ ଦର୍ଶକଙ୍କ ଆଖିରେ କିଭଳି କଳାତ୍ମକ ଚିତ୍ର ସୃଷ୍ଟି ହେଉଛି ତାକୁ ଦୃଷ୍ଟିରେ ରଖି ଯୋଜନା ପ୍ରସ୍ତୁତ, ଅଭ୍ୟାସ ଓ ପ୍ରଦର୍ଶନ ଦିଗରେ ଉଦ୍ୟମ କରିବାକୁ ହେବ ।

ଏଇଠି ଟିକିଏ ପଛକୁ ଫେରୁଛି । "ପ୍ରେକ୍ଷାଳୟର ଆଲୋକ ଲିଭିଯାଇ ମଞ୍ଚ-ଆଲୋକିତ ହୋଇଉଠିଲା । ପରଦା ଅପସରିଗଲା । ପ୍ରବେଶ କଲେ ଯାଦୁକର । ସ୍ୱାଗତ ଜଣାଇ ସହାସ୍ୟ ବଦନରେ କିଛିକ୍ଷଣ ମଞ୍ଚର ମଧ୍ୟ ଭାଗରେ ଦଣ୍ଡାୟମାନ ହୋଇ ଦର୍ଶକମଣ୍ଡଳୀକୁ ଅପୂର୍ବ ରସହ୍ୟମୟ ଦୃଷ୍ଟିରେ ଚାହିଁଲେ ।"

ମଞ୍ଚ ଆଲୋକିତ ହେବା, ପରଦା ଖୋଲିବା, ଯାଦୁକର ପ୍ରବେଶ କରିବା ଇତ୍ୟାଦି ଘଟଣାମାନ ଉତ୍କଣ୍ଠିତ ଦର୍ଶକର ଦୃଷ୍ଟି ଆକର୍ଷଣ କରନ୍ତି । ତେଣୁ ସେ (ଦର୍ଶକ) ସ୍ୱତଃ ଘଟଣାମାନଙ୍କ ସହ ତାଳଦେଇ ସବୁଠୁଁ ଯେଉଁ ଘଟଣାଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସେଥିପ୍ରତି ଆଗ୍ରହାନ୍ୱିତ ହୋଇ ସେଥିରେ ନିଜର ଦୃଷ୍ଟି ନିବଦ୍ଧ କରନ୍ତି ।

ଏହି ସୂକ୍ଷ୍ମ ତତ୍ତ୍ୱକୁ ଚିହ୍ନିଥିବାରୁ ସଫଳ ଯାଦୁକର ନିଜର ପ୍ରତ୍ୟେକ କାର୍ଯ୍ୟକୁ ଏପରି



Indian Institute of Advanced Study
Acc. No. 154993

ଯୋଜନାବଦ୍ଧ ଭାବେ ସଂଯୋଜିତ କରି ଥାଆନ୍ତିଯେ କେତେବେଳେ କେଉଁ ସ୍ଥାନରେ ଦର୍ଶକଙ୍କ ଦୃଷ୍ଟି କେନ୍ଦ୍ରିଭୂତ ହେବ ତାହା ଯାଦୁକରର ନିୟନ୍ତ୍ରଣାଧୀନ ହୋଇଥାଏ ।

ଦର୍ଶକଙ୍କ ଆଖିରେ ମଞ୍ଚ ଏକ ପୁସ୍ତକ ସଦୃଶ । ଆମେ ବହିଟିଏ ପଢ଼ିଲା ପରି ଦର୍ଶକ ମଞ୍ଚ ଉପରେ ଘଟୁଥିବା ଘଟଣାବଳୀକୁ ଅନୁଧାନ କରିଥାଏ ।


ଉପଯୁକ୍ତ ଆଲୋକ ସମ୍ପାତରେ ଯାଦୁକର ଯଦି ମଞ୍ଚର ସବୁଠୁ ପ୍ରଭାବଶାଳୀ ସ୍ଥାନରେ ଠିଆ ହୁଏ, ତେବେ ତହା ଦର୍ଶକ ଆଖିରେ ସବୁଠୁ ବେଶୀ ଭଲ ଲାଗେ । ସେହିଭଳି କୌଣସି ଘଟଣାକୁ କୌଣସି ସମୟରେ ଦର୍ଶକଙ୍କ ଆଖିରୁ ଦୁରେଇ ରଖିବାକୁ ହେଲେ ମଞ୍ଚରେ ସୁବଠୁ କମ ପ୍ରଭାବଯୁକ୍ତ ସ୍ଥାନ, ଉପଯୁକ୍ତ ଆଲୋକ ସମ୍ପାତ ସମେତ ଅନ୍ୟାନ୍ୟ କୌଶଳର ସାହାଯ୍ୟ ନିଆଯାଏ ।

ଆମେ ଜାଣୁ, ଆଲୋକ ଅନ୍ଧାରକୁ ଦୂରେଇ ଦିଏ । ବସ୍ତୁ ଉପରେ ଆଲୋକ ପଡ଼ିଲେ ଆମେ ତାକୁ ଦେଖିପାରୁ । ଏହା ସାଧାରଣ ତଥ୍ୟ । କିନ୍ତୁ ମଞ୍ଚ ପରିଚ୍ଳଳକ ବୁଝିଥାଏ ଯେ ଆଲୋକର ଦେଖାଇବା ଏବଂ ଲୁଚାଇବାର ଅପୂର୍ବ ସାମର୍ଥ୍ୟ ରହିଛି ।

ମଞ୍ଚ ଉପରେ ବ୍ୟବହାର କରାଯାଉଥିବା ଆଲୋକ ଅତ୍ୟନ୍ତ ତୀବ୍ର । ସାଧାରଣ ସ୍ଥିତିରେ ଅତି କମ୍‌ରେ ୨୦୦୦ ୱାଟ୍‌ର ଆଲୋକ କଳାକାର ଉପରେ ପଡୁଥାଏ । ଏଭଳି ତୀବ୍ର ଆଲୋକରେ ମଣିଷର ଚେହେରା ବିବର୍ଣ୍ଣ ଓ ଶୁଷ୍କ ଦିଶେ ।

ସେଥିପାଇଁ ଉପଯୁକ୍ତ ପ୍ରସାଧାନ ବ୍ୟବହାର ଜରୁରୀ । ଏହା ମଧ୍ୟ ଏକ ବ୍ୟାପକ ଅଧ୍ୟୟନର ବିଷୟ । ତେବେ ଯାଦୁକରର ଏଥିନିମନ୍ତେ ସର୍ବନିମ୍ନ ବ୍ୟବହାରିକ ଜ୍ଞାନ ରହିବା ବାଞ୍ଛନୀୟ ।

ବିଶେଷ ପରିସ୍ଥିତି ନ ଉପୁଜିଲେ ସାଧାରଣତଃ ମଞ୍ଚରେ ପ୍ରଭାବଶାଳୀ ସ୍ଥାନକୁ ଯାଦୁକର ବ୍ୟବହାର କରିବା ଦରକାର । ଏ ସ୍ଥାନ ହେଲା ମଞ୍ଚର ସମ୍ମୁଖସ୍ଥ ମଧ୍ୟ ଭାଗ । ଏହାର ଅବସ୍ଥିତିଗତ ସୁବିଧା ହେତୁ ସେହି ସ୍ଥାନରେ ଯାହାଘଟେ, ଦର୍ଶକ ଭଲଭାବେ ଦେଖିପାରେ । ଏହି ସ୍ଥାନ ଦର୍ଶକଙ୍କ ନିକଟତର ହେତୁ କଳାକାରର କଥା ମଧ୍ୟ ଭଲଭାବେ ଦର୍ଶକ ଶୁଣିପାରେ ।




(ଚିତ୍ର - ୩)

ପୁଣି ଟିକିଏ ପଛକୁ ଫେରିବା । ପରଦା ଖୋଲିବା ପୂର୍ବରୁ ଦର୍ଶକ ଆଗାମୀ ମୁହୂର୍ତ୍ତମାନଙ୍କ ସମ୍ପର୍କରେ ନାନାଦି କଳ୍ପନା କରିଥାଏ । ଯାଦୁକରଙ୍କୁ ଯଦି ଆଗରୁ କେବେ ଦେଖିନଥାଏ ତେବେ ତାଙ୍କ ବିଷୟରେ ମଧ୍ୟ କଳ୍ପନାରେ ଧାରଣା କରିଥାଏ । ପରଦା ଖୋଲିଲା ପରେ ଯାଦୁକର ପ୍ରବେଶ କରିବା ଠାରୁ ତାଙ୍କର ପ୍ରତ୍ୟେକ ଆଚରଣ, ଅଙ୍ଗଭଙ୍ଗୀକୁ ଦର୍ଶକ ନିରିକ୍ଷଣ କରି ଅନବରତ ମୂଲ୍ୟାୟନ କରୁଥାଏ । ଯାଦୁକର ମୁହଁ ଖୋଲିଲାମାତ୍ରେ ତାଙ୍କର ଆଭିଜାତ୍ୟ ସମ୍ପର୍କରେ ଦର୍ଶକ ଆହୁରି ବେଶୀ ଅବଗତ ହେବାର ସୁଯୋଗ ପାଏ । କାର୍ଯ୍ୟକ୍ରମର ଏଇ ପ୍ରାଥମିକ ପର୍ଯ୍ୟାୟରେ ଯାଦୁକର ବିଷୟରେ ଦର୍ଶକ ମନରେ ଯେଉଁ ଧାରଣା ସୃଷ୍ଟି ହୁଏ, ତା'ଉପରେ କଳାକାରର ସଫଳତା ନିର୍ଭର କରେ । ତେଣୁ ଏଇ ପ୍ରାରମ୍ଭିକ ଅବସ୍ଥାରେ ଦର୍ଶକଙ୍କ ହୃଦୟ ଜିଣିବା ପାଇଁ ଯାଦୁକର ଯୋଜନାବଦ୍ଧ ପ୍ରସ୍ତୁତି କରିଥାଏ ।

□□□

# ମଞ୍ଚ ପ୍ରବେଶ - ୧

ପରଦା ଖୋଲିବ ଏବଂ ଯାଦୁକର ପ୍ରବେଶ କରିବେ । ଏହା ଯାଦୁକର ପାଇଁ ଏକ ଘଡ଼ିସନ୍ଧି ମୁହୂର୍ତ୍ତ । ଏତେବେଳେ ଏକ ପ୍ରକାର ଉତ୍ତେଜନା ସୃଷ୍ଟି ହୁଏ । ହୃତ୍‌ସ୍ପନ୍ଦନ ବୃଦ୍ଧି ପାଏ । ଶ୍ୱାସପ୍ରଶ୍ୱାସର ଗତି ତୀବ୍ରତର ହୁଏ । ଆଶା ଓ ଆଶଂକାଜନିତ ଯେଉଁ ସ୍ୱାଭାବିକ ପ୍ରତିକ୍ରିୟା ହେତୁ ଆମ ସ୍ନାୟୁ ବ୍ୟବସ୍ଥାରେ ସୃଷ୍ଟି ହେଉଥିବା ଉତ୍ତେନା ଯୋଗୁଁ ଏପରି ହୁଏ ତାକୁ ମନସ୍ତାତ୍ତ୍ୱିକ ଭାଷାରେ "ମଞ୍ଚତ୍ରାସ" ବା Stage fright କୁହାଯାଏ । ଏହା ଏକ ସ୍ୱାଭାବିକ ପ୍ରକ୍ରିୟା । ନିଜ ବୈଷୟିକ ବିଦ୍ୟାର ପାରଦର୍ଶିତାରେ ଯଦି କିଛି ଅଭାବ ଥାଏ ତେବେ ଅଗାମୀ ମୁହୂର୍ତ୍ତମାନଙ୍କରେ ନାନା ଅସୁବିଧା ଉପୁଜିବାର ସଂଭାବନା ଅଧିକ । କିନ୍ତୁ ନିଜର ଦକ୍ଷତା ଉପରେ ପୂର୍ଣ୍ଣ ଭରସା ଥିଲେ "ମଞ୍ଚତ୍ରାସ" ପରି ସମସ୍ୟାର ସମାଧାନ କରାଯାଇପାରେ । ସେଇଥିପାଇଁ ଏହା ଏକ ସାର୍ବଜନୀନ ଉପଦେଶ ଯେ ଖେଳଟିର ଯଥେଷ୍ଟ ଅଭ୍ୟାସ କଲାପରେ ଯେତେବେଳେ ଆତ୍ମବିଶ୍ୱାସ ଦୃଢ଼ ହେବ ସେତେବେଳେ ସେ ଖେଳଟି ଦର୍ଶକଙ୍କ ନିମିତ୍ତ ପ୍ରଦର୍ଶନ ପାଇଁ ଉପଯୁକ୍ତ ହେବ ।

ମଞ୍ଚପ୍ରବେଶ ପୂର୍ବରୁ କେତେକ ପ୍ରସ୍ତୁତିମୂଳକ କସରତ ମଞ୍ଚତ୍ରାସ ଦୂର କରିବାରେ ଲାଭପ୍ରଦ । ସେଗୁଡ଼ିକ ହେଲେ ମାଂସପେଶୀ ଢ଼ିଗୁଳା କରିବାର କିଂଚିତ୍ ବ୍ୟାୟାମ୍, ଗଭୀର ପ୍ରଶ୍ୱାସ ନେବା, ହାତଗୋଡ଼ ଲମ୍ବାଇବା, ପ୍ରକୃତ ମଞ୍ଚ ପ୍ରବେଶ ପୂର୍ବରୁ ୨-୩ ପାହୁଣ୍ଡା ଅଧିକା ପାଦ ପକାଇବା ଓ ମନେ ମନେ ଏକ ନୀରବ ମଞ୍ଚଲିପି ଚିନ୍ତାକରିବା । ଏଥିପାଇଁ ୨-୩ ମିନିଟ୍ ସମୟ ଯଥେଷ୍ଟ ହେବ ।

କୌଣସି ସ୍ଥାନରେ ପଢ଼ିଥିବାର ମନେ ପଡୁଛି : - "ଦର୍ଶକଙ୍କ ମୁଣ୍ଡ ସବୁକୁ ଭାବିନିଅନ୍ତୁ ଯେ ସେଗୁଡ଼ିକ ସବୁ ବନ୍ଧାକୋବି । ଏପରି ଭାବିଲେ ମଞ୍ଚତ୍ରାସ ଦୂର ହୋଇଥାଏ" । ଏ ତତ୍ତ୍ୱକୁ ପ୍ରୟୋଗ କଲାବେଳେ ଚତୁରତା ଓ ସାବଧାନତା ଅବଲମ୍ବନ କରିବା ଜରୁରୀ । ଦର୍ଶକମାନେ ବିଜ୍ଞ ଏବଂ ଉପସ୍ଥାପକ ନିମନ୍ତେ ସାକ୍ଷାତ ଈଶ୍ୱର ।

**ଲମ୍ବାପ୍ରଶ୍ୱାସ :**

ପ୍ରଶ୍ୱାସରେ ସାଧାରଣ ଭାବେ ଯେଉଁ ପରିମାଣର ବାୟୁ ଫୁସ୍‌ଫୁସ୍‌ରେ ପ୍ରବେଶ କରିଥାଏ । ଏତେବେଳେ ତାଠାରୁ ଯଥେଷ୍ଟ ବାୟୁ ପ୍ରବେଶ କରାଇବା । ଯୋର୍‌ରେ

ପ୍ରଶ୍ୱାସ ଗ୍ରହଣ କରିବାକୁ ହେବ ଯେପରି ଛାତି ଆଗକୁ ଫୁଲିଉଠେ ଏବଂ ଫୁସ୍‌ଫୁସ୍ ପୂର୍ଣ୍ଣ ହୋଇ ଯାଆନ୍ତି । ଏହାଦ୍ୱାରା ଶରୀରରେ ଅଧିକ ଅମ୍ଳଜାନ ପ୍ରବେଶ କରୁଥିବାରୁ ସତେଜତା ବୃଦ୍ଧିପାଏ । ଏହିପରି ବାରମ୍ବାର ଲମ୍ବାଶ୍ୱାସ ଗ୍ରହଣ କରି ଧିରେ ଧିରେ ନିୟନ୍ତ୍ରିତ ବେଗରେ ପରିତ୍ୟାଗ କରିବା ।

ଏହା ମଧ୍ୟ ଏକ ବ୍ୟାପକ ଅଧ୍ୟୟନର ବିଷୟ । ଉପଯୁକ୍ତ ଗୁରୁଙ୍କ ତତ୍ତ୍ୱାବଧାନରେ ନିୟମିତ ଭାବେ ଉପଯୁକ୍ତ ପ୍ରାଣାୟମ ଅଭ୍ୟାସ ବହୁ ଉପାୟରେ ଫଳପ୍ରଦ ହୋଇଥାଏ । ଉନ୍ନତ ସ୍ୱରସାଧନା ପାଇଁ ଏହା ମଧ୍ୟ ଆବଶ୍ୟକ । ଯାଦୁକର ପାଇଁ ଏ ସମସ୍ତ ଜରୁରୀ ।

**ଶରୀରକୁ ଶିଥିଳ କରିବା :**

ମାଂସପେଷୀମାନଙ୍କର କଠିନ ସ୍ତୂପକୁ ଅପସାରଣ କରିବା । ଚଢ଼େଇ ଡ଼େଣା ହଲାଇଲା ପରି ହାଲୁକା ଭାବରେ ଦୁଇ ହାତକୁ କାନ୍ଧଠାରୁ ହଲାଇବା, ସେହିପରି ଦୁଇ ଗୋଡ଼ ହଲାଇବା, ବେକ ଏପଟ ସେପଟ କରିବା, ଆଣ୍ଠୁକୁ ପୁରାଯାକି ପୁଣି ଗୋଡ଼ ସିଧା କରିବା ଆଦି ଅନେକ ଏପରି ଅଭ୍ୟାସ ଅଛି । କେବଳ ଯେ ମଞ୍ଚ ପ୍ରବେଶ ପୂର୍ବରୁ ଏହା ଜରୁରୀ, ଏପରି ନୁହେଁ, ଏଭଳି ଅଭ୍ୟାସ ନିୟମିତ ଏବଂ ଯଥବିଧି କରଣୀୟ । ନିଷ୍ଠାବାନ ଛାତ୍ରମାନେ *ଆଲେକ୍‌ଜାଣ୍ଡାର ଟେକ୍‌ନିକ୍*[*] ର ସାହାଯ୍ୟ ନେଇଥାନ୍ତି । ହସ୍ତପଦ ପ୍ରସାରଣ ମଧ୍ୟ କରଣୀୟ । ଏ ସମ୍ବନ୍ଧରେ ଅନ୍ୟତ୍ର ଆଲୋଚନା କରାଯାଇଛି ।

**ନୀରବ ମଞ୍ଚଲିପି :-**

"ମୋ ଚମତ୍କାର ପ୍ରତିଭାର ପ୍ରଦର୍ଶନ ନିମନ୍ତେ ଆଜି ଏକ ଅପୂର୍ବ ଅବସର ଆସିଛି । ଏଭଳି ସୁଧୀ ଦର୍ଶକମଣ୍ଡଳୀକୁ ଆମୋଦିକ କରିବା ମୋ ପାଇଁ ଏକ ସ୍ମରଣୀୟ ଅନୁଭୂତି ହେବ ।" ଏପରି ମନେ ମନେ କଳ୍ପନା କରି ସସ୍ମିତ ବଦନରେ ମଞ୍ଚପ୍ରବେଶ କରିବା ଆଶ୍ଚର୍ଯ୍ୟ ଭାବେ ଫଳପ୍ରଦ ।

ମଞ୍ଚରେ ଉପସ୍ଥିତ ହେଲା ପରେ ପ୍ରେକ୍ଷାଳୟର ସମସ୍ତ ଅଂଶରେ ଆଖି ବୁଲାଇ ଆଣିବାକୁ ହେବ । ଚାହାଣୀର ଯାଦୁକରୀ ଶକ୍ତି ଅଛି । ଯେତେବେଶୀ ସମ୍ଭବ, ଦର୍ଶକମଣ୍ଡଳୀ ସହ ଚାହାଣୀରେ ସମ୍ପର୍କ ସ୍ଥାପନ କରିବା ଆବଶ୍ୟକ ।

□□□

# ମଞ୍ଚ ପ୍ରବେଶ -୨

ଅନ୍ୟତ୍ର କୁହାଯାଇଛି, ଦର୍ଶକଙ୍କ ଆଖିରେ ମଞ୍ଚ ଏକ ପୁସ୍ତକ ସଦୃଶ । ଆମେ ବହିଟିଏ ପଢ଼ିଲା ପରି ଦର୍ଶକ ଆଉ ମଞ୍ଚର ସମ୍ପର୍କ ।

ବହିଟିଏ ପଢ଼ିଲାବେଳେ ଆମେ ବାମରୁ ଡ଼ାହାଣକୁ ପଢ଼ିବାରେ ଅଭ୍ୟସ୍ତ । ନୁହେଁ କି ? ତେଣୁ ଏପରି ବାମରୁ ପଢ଼ିବାକୁ "ସ୍ରୋତର ଅନୁକୂଳ ଗତିରେ" ବୋଲି ଧରାଯାଉ । ଏହା ସ୍ୱାଭାବିକ ପ୍ରକ୍ରିୟା ହୋଇଥିବାରୁ (ବ୍ୟତିକ୍ରମ- କିଛି ପରମ୍ପରାରେ ଡ଼ାହାଣରୁ ବାମକୁ ଅର୍ଥାତ୍ ଆମ ଦୃଷ୍ଟିରେ ଓଲଟା ଦିଗରେ ପଢ଼ାଯାଇଥାଏ ।) ଦର୍ଶକମାନେ ସହଜରେ ଗ୍ରହଣ କରିନିଅନ୍ତି ଯେତେବେଳେ ଯାଦୁକର ତାଙ୍କରର ଡ଼ାହାଣପଟରୁ ମଞ୍ଚକୁ ପ୍ରବେଶ କରନ୍ତି । (ଏଠାରେ ଯାଦୁକର ଦର୍ଶକଙ୍କୁ ସାମ୍ନା କରିବା ଅବସ୍ଥାରେ ତାଙ୍କର ଡ଼ାହାଣପାଖ ଅର୍ଥାତ୍ ମଞ୍ଚର ଡ଼ାହାଣ ପାଖ କଥା କୁହାଯାଇଛି)

ଏହାର ବିପରୀତ ଅର୍ଥାତ୍ "ସ୍ରୋତର ପ୍ରତିକୂଳ ଦିଗରେ" ବା ମଞ୍ଚର ବାମପଟୁ (ଯାଦୁକର ଦର୍ଶକଙ୍କୁ ସାମ୍ନା କରିବା ଅବସ୍ଥାରେ ନିଜର ବାମପଟରୁ) ଯଦି ପ୍ରବେଶ କରନ୍ତି ?

ଏହାର ଉତ୍ତର ସହଜ ଯେ, ଏହା ଦର୍ଶକଙ୍କୁ ଟିକିଏ ଅସ୍ୱାଭାବିକ ଲାଗିବା ହେତୁ ତାଙ୍କ ଆଖିକୁ ସାମାନ୍ୟ ଅଡୁଆ ଲାଗିବ । ତେବେ ସ୍ଥଳ ବିଶେଷରେ ମଧ୍ୟ ଏପରି ଘଟଣା ବେଶ୍ ପ୍ରଭାବଶାଳୀ ହୋଇଥାଏ ।


❑❑❑

# "ଦଣ୍ଡାୟମାନ"

ମଞ୍ଚ ଉପରେ ଠିଆ ହେବା, ଦର୍ଶକଙ୍କୁ ସମ୍ମୁଖୀନ କରିବା ଏକ କଷ୍ଟକର କାର୍ଯ୍ୟ ! ଏଥିପାଇଁ ଯଥେଷ୍ଟ ଶକ୍ତି ଓ ସାମର୍ଥ୍ୟ ଆବଶ୍ୟକ ।

ଆକର୍ଷଣୀୟ ଠାଣିରେ ମଞ୍ଚରେ ପ୍ରବେଶ କରିବା ଏବଂ ତତ୍‌ପରେ ଦଣ୍ଡାୟମାନ ରହିବା- ଏହା ଏପରି ଏକ ଅବସ୍ଥା ଯେଉଁଥିରେ ଯାଦୁକରର ସମଗ୍ର ଶରୀର ସିଧା ଥିବାର ଦର୍ଶକ ଦେଖନ୍ତି । ମଞ୍ଚ ଉପରେ ଯେତେସମୟ ଧରି ଯାଦୁକରକୁ ଦର୍ଶକମାନେ ଦେଖନ୍ତି, ତାହା ଯାଦୂକରର ଦଣ୍ଡାୟମାନ ଅବସ୍ଥାର ଚିତ୍ର । ମଞ୍ଚରେ ଉପସ୍ଥିତ ଅବସ୍ଥାରେ ଅଧିକାଂଶ ସମୟ ଶରୀର ଏମିତି ପୁରା ସିଧା ଏବଂ ସଳଖ ଥାଏ । ଏଇ ଦଣ୍ଡାୟମାନ ଅବସ୍ଥାରେ ଆବଶ୍ୟକ ମତେ ଯାଦୁକର ଚଳ ପ୍ରଚଳ କରିଥାଏ । କେବେ କେବେ ଶରୀରକୁ ଝୁଙ୍କିବାକୁ ହୋଇଥାଏ ଆବଶ୍ୟକତା ଅନୁସାରେ । ବର୍ଣ୍ଣନା କରିବା ଅପେକ୍ଷା ନିମ୍ନ ପ୍ରଦତ୍ତ ଚିତ୍ର ଦ୍ୱାରା ଏ ଅବସ୍ଥାର ଗୁରୁତ୍ୱ ଅଧିକ ପ୍ରାଞ୍ଜଳ ହେବ : -


(ଚିତ୍ର - ୪)



ଅସନ୍ତୁଳିତ ଶରୀର ।

ଏଠାରେ ଆଣ୍ଠୁ, ଅଣ୍ଟା, କାନ୍ଧଆଦିର ବକ୍ରତା ଏକ ନିରସ ଚିତ୍ର ପ୍ରଦାନ କରେ ।


(ଚିତ୍ର - ୫)



ସହଜ - ଆରାମପ୍ରଦ ସ୍ଥିତି (ଆଦର୍ଶ ଭଙ୍ଗୀ)

ଢ଼ୁଗୁଳା ମାଂସପେଶୀ - ସନ୍ତୁଳନ ଓ ଆତ୍ମବିଶ୍ୱାସର ପ୍ରତୀକ

(ଚିତ୍ର - ୬)



ଉତ୍ତେଜନା ହେତୁ କଠିନ ମାଂସପେଶୀ । ଶରୀର ଟାଙ୍ଗି ହୋଇଗଲା ପରି ଚିତ୍ର

ଶରୀରର ସଳଖ ଅବସ୍ଥା ଦୀର୍ଘକାଳବ୍ୟାପି ବଜାୟ ରଖିବା ପାଇଁ ଖାଦ୍ୟ, ପାନୀୟ, ଉତ୍ତମ ଅଭ୍ୟାସ, କସରତ, ସୁସ୍ଥ ମାନସିକତା ଆଦି ବ୍ୟାପକବିଷୟ ପ୍ରତି ଧ୍ୟାନ ଦେବାକୁ ହେବ । ସେସବୁ ଗହନ ବ୍ୟାପାର । ପ୍ରାରମ୍ଭିକ ଭାବେ ନିମ୍ନୋକ୍ତ ସରଳ ବ୍ୟାୟାମର ନିୟମିତ ଅଭ୍ୟାସ ଅତ୍ୟନ୍ତ ଫଳପ୍ରଦ :-


**ପ୍ରଦତ୍ତ ଭଙ୍ଗିଗୁଡ଼ିକ ଶରୀରକୁ ପ୍ରସାରଣ କରିବା ନିମିତ୍ତ ସରଳ ବ୍ୟାୟାମ । ପ୍ରତ୍ୟହ ପାଞ୍ଚ ମିନିଟ୍ ଲେଖାଏଁ ତିନି ଥର ଯଥେଷ୍ଟ ।**

(ଚିତ୍ର - ୭)



ଏକ କାଳ୍ପନିକ ଅଙ୍ଗୁର ପେନ୍ଥା ତୋଳିବାକୁ ଉହୁଙ୍କିବା......

(ଚିତ୍ର - ୮)



ଚଟାଣରେ ଶୋଇ ସମଗ୍ର ଶରୀରକୁ ପ୍ରସାରଣ କରିବା ସହିତ ସମଗ୍ର ମାଂସପେଶୀକୁ ହୁଗୁଳା କରିବା ।

(ଚିତ୍ର - ୯)



ଠିକ୍ (✓)

ଓଠ ସାମାନ୍ୟ ଛାତି ଆଡ଼କୁ । ମୁଣ୍ଡତଳେ ବହିଖଣ୍ଡେ ରଖାଯାଇପାରେ ।

(ଚିତ୍ର - ୧୦)



ଭୁଲ (×)

ଏଠାରେ ବେକ ପାଖରେ ଅଧିକା ଫାଙ୍କକୁ ଲକ୍ଷ କରନ୍ତୁ ।

ଏଇ କସରତମାନ ଶାରିରୀକ ସନ୍ତୁଳନ ବଜାୟ ରଖିବାକୁ ସହାୟକ । ଶାରିରୀକ ସନ୍ତୁଳନ ଯୋଗୁଁ ମାନସିକ ସନ୍ତୁଳନ ରକ୍ଷା କରିବା ସହଜ ହୋଇଥାଏ । ଏ ଉଭୟ, ଦର୍ଶକ ଉପରେ ନିୟନ୍ତ୍ରଣ ଜାରି ରଖିବାକୁ ଜରୁରୀ । ଅଭିନେତା ଠାରୁ ଯାଦୁକର ନିମନ୍ତେ ଏହା ଅଧିକ ମୂଲ୍ୟବାନ । ପରିତାପର ବିଷୟ, ଉଦୀୟମାନ ଯାଦୁକରର ଯୁବାବସ୍ଥାରେ ତାର ଏ ବିଷୟରେ ପ୍ରାୟତଃ ସଠିକ ମାର୍ଗଦର୍ଶନ ହୋଇ ନଥାଏ ।

ବ୍ୟବହାରିକ କ୍ଷେତ୍ରରେ ଯାଦୁକର ବିଭିନ୍ନ ଅବସ୍ଥାରେ ଦର୍ଶକଙ୍କୁ ସାମ୍ନା କରିଥାଏ । ଯଥା : - ଦର୍ଶକଙ୍କୁ ସମ୍ପୂର୍ଣ୍ଣ ସାମ୍ନା କରି ଠିଆ ହେବା, କିଞ୍ଚିତ୍ ବାମକୁ ମୁହଁ କରି ଠିଆ ହେବା, ପୁରା ବାମକୁ ଘୂରି ଠିଆ ହେବା, କିଞ୍ଚିତ୍ ଡ଼ାହାଣକୁ ଘୂରି ଠିଆ ହେବା, ପୁରା ଡ଼ାହାଣ ପଟକୁ ମୁହଁକରି ଠିଆ ହେବା ନତୁବା ଦର୍ଶକଙ୍କୁ ପିଠି କରି ଠିଆ ହେବା ।

ଏଭଳି ବିଭିନ୍ନ ଅବସ୍ଥାର ପ୍ରଭାବ ଭିନ୍ନ ଭିନ୍ନ । ଦର୍ଶକଙ୍କୁ ପୂରା ସାମ୍ନା କରି ଠିଆ ହେବା ଅବସ୍ଥା ସବୁଠୁ ଶକ୍ତିଶାଳୀ ହେବା ସ୍ଥଳେ ସେମାନଙ୍କୁ ପିଠି କରି ଠିଆ ହେବା ସବୁଠୁ କମ୍ ପ୍ରଭାବଶାଳୀ । ତେବେ ସ୍ଥଳ ବିଶେଷରେ ଏପରି ଭଙ୍ଗୀର ଆବଶ୍ୟକତା ପଡ଼ିଥାଏ ଏବଂ କୌଣସି ବିଶେଷ ଧରଣର ଖେଳର ସ୍ୱତନ୍ତ୍ର ଆବଶ୍ୟକତା ଅନୁଯାୟୀ ଦର୍ଶକଙ୍କୁ ପଛ କରି ଠିଆ ହେବା ସେଇ ସମୟ ପାଇଁ ସବୁଠୁ ବେଶୀ ପ୍ରଭାବଶାଳୀ ଭଙ୍ଗୀ ହୋଇଥାଏ । ଏସବୁ ବିଶେଷ ପରିସ୍ଥିତିର କଥା । ସାଧାରଣ ସ୍ଥିତିରେ ଦର୍ଶକଙ୍କୁ ପିଠି କରିବା ଦୋଷାବହ । ଏହା ଅଭିନେତା ପାଇଁ ଏକ କଡ଼ା ନିୟମ ଏବଂ ଯାଦୁକର ପାଇଁ ଆହୁରି କଠୋର ଭାବେ ପାଳନୀୟ ।


ଦର୍ଶକଙ୍କୁ ପିଠି କରି ଠିଆ ହେବା ଫଳରେ ଯାଦୁକର ଦର୍ଶକଙ୍କୁ ଦେଖିପାରେ ନାହିଁ । ଦର୍ଶକ ମଧ୍ୟ ଯାଦୁକରର ମୁହଁ ଦେଖିପାରନ୍ତି ନାହିଁ । ଏ ସ୍ଥିତିରେ ଦର୍ଶକଙ୍କ ଉପରୁ ନିୟନ୍ତ୍ରଣ ହରାଇବାର ବିପଦ ଅଧିକ । ଅଧିକନ୍ତୁ ଦର୍ଶକଙ୍କୁ ପଛ କରି ଠିଆ ହୋଇ କିଛି କହିଲେ ସେମାନେ ଏହା ସ୍ପଷ୍ଟ ଶୁଣିପାରନ୍ତି ନାହିଁ । ସ୍ୱର ଚାପା ଶୁଣାଯାଏ । ଶୁଣିବାରେ ସାହାଯ୍ୟ କରୁଥିବା ଓଠର ଚଳନା, ଅନ୍ୟାନ୍ୟ ମୁଖମଣ୍ଡଳୀୟ ପ୍ରତିକ୍ରିୟା ଓ ଚାହାଣୀ ଜନିତ ସମ୍ପର୍କ ସ୍ଥାପନ - ବାଧାପ୍ରାପ୍ତ ହୋଇଥାଏ ।


□□□


# ପଦଚାଳନା


ପୂର୍ବ ଅଧ୍ୟାୟରେ ଦଣ୍ଡାୟମାନ ହେବାର ବିଧି ସଂପର୍କରେ ସମ୍ୟକ ଆଲୋକପାତ କରାଯାଇଛି । କିନ୍ତୁ ମଞ୍ଚ ଉପରେ କଳାକାର ସ୍ତମ୍ଭବତ୍ କେତେ ସମୟ ଦଣ୍ଡାୟମାନ ରହିପାରିବ ? ପ୍ରକୃତପକ୍ଷେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଅନୁଯାୟୀ ଯାଦୁକରଙ୍କୁ ସ୍ଥାନ ପରିବର୍ତ୍ତନ କରିବାକୁ ପଡ଼ିଥାଏ । ଏଥି ନିମନ୍ତେ ହସ୍ତ ପଦାଦି ସମେତ ନାନାମତେ ଶରୀରର ଅନ୍ୟାନ୍ୟ ଅଙ୍ଗପ୍ରତ୍ୟଙ୍ଗ ଚାଳନା ଆବଶ୍ୟକ ହୋଇଥାଏ । ଏ ସମସ୍ତ ଦର୍ଶକଙ୍କୁ ଯାଦୁକରର ଏକ ଲାଳିତ୍ୟପୂର୍ଣ୍ଣ ଚିତ୍ର ପ୍ରଦାନ କରୁଥିବା ଆବଶ୍ୟକ । ସର୍ବନିମ୍ନ ଶକ୍ତି ବ୍ୟୟ କରି ମାଧୁର୍ଯ୍ୟପୂର୍ଣ୍ଣ ଅଙ୍ଗଚାଳନା ବିଷୟରେ ଅନେକ ଗବେଷଣା ଲବ୍ଧତଥ୍ୟ ଉପଲବ୍ଧ ।


ପାଦଯୁଗଳର ଛଅପ୍ରକାର ସ୍ଥିତି ନିମ୍ନରେ ଦର୍ଶାଗଲା : -



*(ଚିତ୍ର - ୧୧)*


*(ଚିତ୍ର - ୧୨)*


*(ଚିତ୍ର - ୧୩)*


*(ଚିତ୍ର - ୧୪)*


*(ଚିତ୍ର - ୧୫)*


*(ଚିତ୍ର - ୧୬)*

ଏଇ ଛଅଟି ସ୍ଥିତିରେ ପାଦରଖି ଠିଆହେଲେ ସୁଦୃଢ଼ ସ୍ଥିତି ବିଷୟରେ ବ୍ୟବହାରିକ ଧାରଣା ଜନ୍ମିବ । ୧ନଂ ଚିତ୍ର ଅର୍ଥାତ୍ ଦୁଇପାଦ ଲଗାଲଗି ଠିଆ ହେଲେ ସିଧା ଠିଆ ହୋଇ ହେବ କିନ୍ତୁ ସନ୍ତୁଳନ ରହିବ ନାହିଁ । ୨ ନଂ ଅର୍ଥାତ୍ ୨ ପାଦକୁ ଫରଚା କରି

ଠିଆ ହେଲେ ଶରୀରର ଓଜନ ବିକ୍ଷିପ୍ତ ଭାବେ ବାଣ୍ଟି ହେଉଥିବାରୁ ଭାରସାମ୍ୟ ରକ୍ଷା କରିବା ସହଜ ହେବ ଏବଂ ସ୍ଥିତି ଦୃଢ଼ ହେବ ।

ଗୋଡ଼ ଦୁଇଟି ଅଧିକ ଫର୍ଚ୍ଚା ହେଲେ କିନ୍ତୁ ଦର୍ଶକଙ୍କୁ ଦେଖିବାକୁ ଭଲ ଲାଗିବ ନାହିଁ । ଏଇ କଥା ପରୀକ୍ଷା କଲାବେଳେ ବାମ ଅଥବା ଡ଼ାହାଣ ଯେ କୌଣସି ଗୋଡ଼ ଲମ୍ୱା ବା କୋଣୁଆ ଭାବେ ରଖା ଯାଇପାରେ । ଯଦିଓ ବ୍ୟବହାରିକ କ୍ଷେତ୍ରରେ ଏ ୬ଟି ଅବସ୍ଥା ସବୁବେଳେ କାମରେ ଆସିନପାରେ, ଏହା ପରୀକ୍ଷା କରି ଶରୀରର ସନ୍ତୁଳନ ରକ୍ଷାରେ ପାଦର ସ୍ଥିତି ସମ୍ୱନ୍ଧରେ ଧାରଣା କରିବା ପାଇଁ ସେସବୁ ଏଠାରେ ବର୍ଣ୍ଣନା କରାଗଲା । ଠିଆହେବା ଅବସ୍ଥାରେ ଆରାମଦାୟକ ସ୍ଥିତି ବଜାୟ ରଖିବାର ଗୁରୁତ୍ୱ ପ୍ରତିପାଦନ ଉଦ୍ଦେଶ୍ୟରେ ଏ ଅବତାରଣା ।


ଯାଦୁକରର ଉପସ୍ଥାପନା ଦର୍ଶକଙ୍କ ଆଖିରେ ଏକ ରୁଚି ସମ୍ପନ୍ନ ସୁନ୍ଦର କଳାକୃତି ହେବା ବାଞ୍ଛନୀୟ । ସେଥିପାଇଁ ଯାଦୁକର ଆଗରୁ ଟିକନିକି ଭାବେ ଚିନ୍ତାକରି ସମସ୍ତ ଜିନିଷ ଯୋଜନାବଦ୍ଧଭାବେ ପ୍ରସ୍ତୁତ କରିଥାଏ । ପରଦା ଖୋଲିଲେ ଦର୍ଶକ ଆଖିରେ ମଞ୍ଚର ଯେଉଁରୂପ ଉନ୍‌ମୋଚିତ ହୁଏ ତାହା ଏକ ଆନନ୍ଦ ଦାୟକ ସୁନ୍ଦର ଚିତ୍ର ହେବା ଆବଶ୍ୟକ ।

ଯାଦୁକର ଯଦି ମଞ୍ଚରେ ଗୋଟିଏ ଟେବୁଲ୍ ବ୍ୟବହାର କରୁଥାଏ ତେବେ ତାହା ମଞ୍ଚର କେନ୍ଦ୍ରାଞ୍ଚଳରେ ସାମାନ୍ୟ ପଛ ଆଡ଼କୁ ରଖାଯାଇଥାଏ । କିନ୍ତୁ ମଞ୍ଚରେ ୩ ଟି ଟେବୁଲ୍ ବ୍ୟବହାର କରିବା ଆଉ ଟିକିଏ ଭଲ । ଏହା ଫଳରେ ଯାଦୁକର ମଞ୍ଚର ଭିନ୍ନ ଭିନ୍ନ ଭବେ ପ୍ରଭାବଶାଳୀ ୩ ଟି ଭିନ୍ନ ଭିନ୍ନ ସ୍ଥାନ ବ୍ୟବହାର କରୁଥିବାରୁ କାର୍ଯ୍ୟକ୍ରମର ବିବିଧତାରେ ବୃଦ୍ଧି ଘଟେ ଏବଂ ବିବିଧତା ଯୋଗୁଁ ଦର୍ଶକଙ୍କ ଆଗ୍ରହବୃଦ୍ଧି ଘଟିଥାଏ ।

ମନେକରନ୍ତୁ ଯାଦୁକର ମଞ୍ଚ ଉପରେ ବିଭିନ୍ନ ସ୍ଥାନରେ ୩ ଟି ଟେବୁଲ୍ ରଖିଛନ୍ତି । ଟେବୁଲ୍ ରଖିବା କାରଣ ଏହା ଯାଦୁ ପ୍ରଦଶର୍ନରେ ସହାୟକ ହେବ । ଯାଦୁ ଉପକରଣଗୁଡ଼ିକ ଏହା ଉପରେ ରଖାଯିବା ପାଇଁ ଏଗୁଡ଼ିକ ଉଦ୍ଦିଷ୍ଟ । ତେଣୁ ଯାଦୁକରକୁ ଗୋଟିଏ ଟେବୁଲ୍ ଠାରୁ ଆଉ ଗୋଟିଏ ଟେବୁଲ୍ ପର୍ଯ୍ୟନ୍ତ ଯିବାକୁ ପଡ଼ିବ ।

ମଞ୍ଚ ଉପରେ ଏଇ କଥା ଘଟୁଥିବା ଅବସ୍ଥାରେ ଦର୍ଶକ ଆଖିରେ ଏକ ଚଳଚିତ୍ର ସୃଷ୍ଟି ହେଉଥିବ ଏବଂ ମାନସପଟରେ ଏକ ପ୍ରତିକ୍ରିୟା । ପ୍ରତି ଟିକିନିକି କଥା କିପରି ଆହୁରି ସୁନ୍ଦର ଭାବେ ଉପସ୍ଥାପନା କରାଯାଇପାରିବ ଯାଦୁକର ସେଥିପ୍ରତି ଚେଷ୍ଟିତ ହେଲେ ଅନୁରୂପ କଳାକୃତି ସୃଷ୍ଟି ହେବ ନାହିଁକି ? ଏ ବିଷୟ ମଧ ଅନୁରୂପ ଏକ

ସଂପୂର୍ଣ୍ଣ ଏବଂ ବ୍ୟାପକ ଅଧ୍ୟୟନ । ତେବେ କେତୋଟି ଆଦର୍ଶ ସ୍ଥିତି ସଂପର୍କରେ ଆଲୋଚନା କରଯାଉ : -




(ଚିତ୍ର - ୧୭)

ଉପରୋକ୍ତ ସଂରଚନାକୁ ଅନୁଧ୍ୟାନ କଲେ ଏହା ଏକ ତ୍ରିଭୁଜାକାର ସଂରଚନା ମନେ ହୁଏ । ଏହା ଯଥାର୍ଥରେ "ତ୍ରିଭୁଜ ତଥ୍ୟ" ଉପରେ ଆଧାରିତ ।

ଭିନ୍ନ ଭିନ୍ନ ପ୍ରଭାବକ୍ଷମ ୩ ଟି କାଳ୍ପନିକ ବିନ୍ଦୁକୁ ଦର୍ଶକଙ୍କ ଦୃଷ୍ଟି ଆକର୍ଷଣକାରୀ କ୍ଷେତ୍ର ଭାବେ ବ୍ୟବହାର କରାଯାଏ । ଏ ପରିସ୍ଥିତିରେ କିନ୍ତୁ ଦର୍ଶକଙ୍କ ଠାରୁ ସର୍ବାଧିକ ଦୂରତାରେ ଥିବା ସ୍ଥାନ ସେମାନଙ୍କର ସର୍ବାଧିକ ଦୃଷ୍ଟି ଆକର୍ଷଣ କରିଥାଏ । ଅନ୍ୟଭାବରେ କହିଲେ, ବିନ୍ଦୁ 'ଗ' ଏହି ପରିସ୍ଥିତିରେ ମଞ୍ଚର ସବୁଠାରୁ ପ୍ରଭାବଶାଳୀ ସ୍ଥାନ ।

ବିନ୍ଦୁ 'ଗ' ଠାରେ ଯାଦୁକର ଦର୍ଶକଙ୍କୁ ପୁରା ସମ୍ମୁଖ କରି ଦଣ୍ଡାୟମାନ । ବିନ୍ଦୁ 'କ' ଓ 'ଖ' ଠାରେ ଉପସ୍ଥିତ ୨ ଜଣ ସହକାରୀ ତୀର ଦ୍ୱାରା ଚିହ୍ନିତ ଦିଗରେ ଯାଦୁକରଙ୍କ ଉପରେ ଯଦି ଦୃଷ୍ଟି ନିବଦ୍ଧ କରନ୍ତି ତେବେ ବିନ୍ଦୁ 'ଗ' ସବୁଠୁ ଅଧିକ ଆଗ୍ରହର କେନ୍ଦ୍ରବିନ୍ଦୁ ହେବ ।


ନିମ୍ନ ଚିତ୍ରଟି ତ୍ରିଭୁଜ ତଥ୍ୟ ଉପରେ ଆଧାରିତ ଏକ ଜଟିଳତର ସଂରଚନା :-





(ଚିତ୍ର - ୧୮)

ଏଠାରେ 'କ' ବିନ୍ଦୁରେ ଥିବା ସୋଫାପ୍ରତି ଦୃଷ୍ଟି ଆକର୍ଷଣ କରିବାର ପ୍ରୟାସ କରାଯାଇଛି । 'ଖ' 'ଗ' ଏବଂ 'ଘ' ଠାରେ ଉପସ୍ଥିତ ସହାକାରୀମାନେ 'କ' ଆଡ଼କୁ ଚାହିଁଛନ୍ତି ।


ପଦ ଚାଳନାର କେତେକ ଆଦର୍ଶ ନମୁନା : -




(ଚିତ୍ର - ୧୯)



(ଚିତ୍ର - ୨୦)



(ଚିତ୍ର - ୨୧)

ଚିତ୍ରଗୁଡ଼ିକୁ ଭଲ ଭାବରେ ଅନୁଧାନ କଲେ ଜଣାଯିବ, ଗୋଟିଏ ସ୍ଥାନରୁ ଅନ୍ୟସ୍ଥାନକୁ ଯିବାବେଳେ ପୂରାପୂରି ସଳଖ ରାସ୍ତାରେ ନଯାଇ ସମାନ୍ୟ ବକ୍ରପଥ ବ୍ୟବହାର କରାଯାଇଛି । ଏହାର କାରଣ ଲକ୍ଷ୍ୟ ସ୍ଥଳରେ ପହଞ୍ଚିଲା ବେଳକୁ ଦର୍ଶକମାନେ ଯାଦୁକରର ମୁହଁ ପୂରାପୂରି ଦେଖିପାରିବେ ।

ପଦଚାଳନା କ୍ଷେତ୍ରରେ ଏଇ ସହଜ ନିୟମଟି ପ୍ରତି ଧ୍ୟାନ ଦେବା ଜରୁରୀ । ତାହା ହେଲା : - ଯେଉଁ ପାଦଟି ଲକ୍ଷ ସ୍ଥଳର ନିକଟତର, ସେହିପାଦ ପ୍ରଥମେ ପକାଇ ଲକ୍ଷସ୍ଥଳକୁ ଗମନ କରିବା ।


ଏହା ସବୁ ବର୍ଣ୍ଣନା କରିବା ଏବଂ କାର୍ଯ୍ୟକାରୀ କରିବାରେ ଅନେକ ପାର୍ଥକ୍ୟ ଅଛି । ବିଷୟମାନଙ୍କର ତାତ୍ପର୍ଯ୍ୟ ସମ୍ବନ୍ଧରେ ଧାରଣା ଆସିଲା ପରେ ଏସବୁ ନିୟମିତ ଅଭ୍ୟାସ କରିବାକୁ ପଡ଼ିଥାଏ । ମଞ୍ଚ ଉପରେ ସମସ୍ତ ଆଚରଣ ଯେପରି ଦର୍ଶକଙ୍କୁ ସ୍ୱାଭାବିକ ଏବଂ ଅକୃତିମ ମନେହେବ ସେଇ ସ୍ତରର ଅଭ୍ୟାସ ହେଲା ପରେ ସେଇ ସିଦ୍ଧିକୁ ବଜାୟ ରଖିବା ପାଇଁ ଏବଂ ଅଧିକ ମାର୍ଜିତ କରିବା ପାଇଁ ଅଭ୍ୟାସଗୁଡ଼ିକ ନିୟମିତ ଭାବେ କରାଯିବା ଉଚିତ୍ । ଜାଣିଲେ ଆଶ୍ଚର୍ଯ୍ୟ ହେବାକୁ ହୁଏ, ଅନେକ ପ୍ରସିଦ୍ଧ କଳାକାର "Bow" ପରି ସଂକ୍ଷିପ୍ତ ଭଙ୍ଗୀଟି ଜୀବନବ୍ୟାପି ଅଭ୍ୟାସ କରିଥାଆନ୍ତି, (ବିନୟ ତଥା କୃତଜ୍ଞତା ପ୍ରକାଶ ନିମନ୍ତେ ମୁଣ୍ଡ ବା ଦେହ ନୁଆଇଁ ଅବନତ ହେବାର ଭଙ୍ଗୀକୁ "Bow" କୁହାଯାଏ । ବିଭିନ୍ନ ଉପାୟରେ ଏହା କରାଯାଇଥାଏ ।)

ବେଳେବେଳେ କିଛି ଅଘଟଣ ଘଟେ । ଏମିତି କିଛି କାର୍ଯ୍ୟ କରିବାକୁ ହୋଇଥାଏ ଯାହା ଆମ ସୁଚିନ୍ତିତ ପରିକଳ୍ପନା ବହିର୍ଭୁତ । ମନେ କରନ୍ତୁ ଯାଦୁକର ହାତରେ ୪ /୫ଟି ବଲ୍‌ଧରି ପୂର୍ବ ପରିକଳ୍ପନା ଏବଂ ପ୍ରସ୍ତୁତି ଅନୁସାରେ ନିଜର କଳା କୌଶଳ ପ୍ରଦର୍ଶନ କରୁଛନ୍ତି । ବଲ୍‌ଟିଏ ହାତରୁ ଖସିପଡ଼ିଲା । ଖେଳ ଚାଲୁ ରଖିବା ପାଇଁ ବଲ୍‌ଟିକୁ ତଳୁ ଉଠାଇ ନେବାକୁ ପଡ଼ିବ ! ହୁଏତ କୌଣସି ସାହାଯ୍ୟକାରୀ ଏହା କରିଦେଇପାରନ୍ତି । ତେବେ ଭଲଭାବରେ ପରିସ୍ଥିତିକୁ ଅନୁଧ୍ୟାନ କଲେ ଜଣାଯିବ ଯେ ସହାୟକ ଠାରୁ ହେଉ ଅଥବା ନିଜେ ତଳୁ ଉଠାଇବା ଦ୍ୱାରା ହେଉ, ଯେ କୌଣସି ଉପାୟରେ ବଲ୍‌ଟିକୁ ପୁନର୍ବାର ହାତେଇବାରେ କିଛି ଅତିରିକ୍ତ ସମୟ,ଅତିରିକ୍ତ ସମାର୍ଥ୍ୟ ଏବଂ କେତେକ ଅତିରିକ୍ତ କ୍ରିୟାପଦ୍ଧତି ଆବଶ୍ୟକ । ଦର୍ଶକମାନେ ଯେହେତୁ ମଞ୍ଚ ଉପରେ ଘଟୁଥିବା ସମସ୍ତ କ୍ରିୟାକଳାପକୁ ଟିକିନିଖି ଅନୁଧ୍ୟାନ କରୁଛନ୍ତି, ଆଚରଣରେ ସାମାନ୍ୟତମ ବ୍ୟତିକ୍ରମ ବା ଫରକ ସେମାନଙ୍କ ଆଖିରେ ବାରିହୋଇ ପଡ଼ିବ । ଏଇସବୁ ଅପ୍ରତ୍ୟାସିତ ମୂହୁର୍ତ୍ତମାନଙ୍କରେ କିଭଳି ଆଚରଣକରି ପରିସ୍ଥିତିକୁ ସମ୍ଭାଳି ନିଆଯାଇପାରିବ ତାହା କଳାକାରର ବ୍ୟକ୍ତିତ୍ୱର ବଳିଷ୍ଠତା ଉପରେ ମୁଖ୍ୟତଃ ନିର୍ଭରଶୀଳ । "ବ୍ୟକ୍ତିତ୍ୱ" ସମ୍ବନ୍ଧରେ ଅଧ୍ୟୟନ ଓ ଆଚରଣ ମଧ୍ୟ ଏକ ବ୍ୟାପକ ବିଷୟ ।

ମନେକରନ୍ତୁ ଯାଦୁକର ନିଜେ ବଲ୍‌ଟିକୁ ତଳୁ ଉଠାଇ ନେଲେ । ଏହି କାର୍ଯ୍ୟ ପାଇଁ ତାଙ୍କୁ ନୂଆ ଅଙ୍ଗଭଙ୍ଗୀର ସାହାଯ୍ୟ ନେବାକୁ ହେବ ଅର୍ଥାତ୍ ସେ ଏକ ପ୍ରକାର ଆଣ୍ଠେଇବା ଅବସ୍ଥାରେ ରହିବେ । ନିମ୍ନୋକ୍ତ ଚିତ୍ର ୨ଟିରୁ ଚିତ୍ର "ଖ"ର ଭଙ୍ଗୀ କଳାତ୍ମକ ପରିପ୍ରକାଶ ଦୃଷ୍ଟିରୁ ଦର୍ଶକ ଆଖିରେ ଅଧିକ ରୁଚି ସମ୍ପର୍ଣ୍ଣ ଭାବେ ଗ୍ରହଣୀୟ ।



*ଚିତ୍ର - ୨୧ (କ)*



*ଚିତ୍ର - ୨୧ (ଖ)*

ପାଠକ ଯଦି ଉପରୋକ୍ତ ଚିତ୍ର ୨ଟିର ପାର୍ଥକ୍ୟକୁ ବୁଝିପାରି ଚିତ୍ର "ଖ" ସନ୍ନିହିତ ସୂକ୍ଷ୍ମତତ୍ତ୍ୱକୁ ତାରିଫ କରିବାର ମନୋଭାବ ପୋଷଣ କରନ୍ତି ତେବେ ଏହା ତାଙ୍କ କଳାପ୍ରୀତିର ସୂଚକ ନିଶ୍ଚୟ । ଉଚ୍ଚତର ଗ୍ରନ୍ଥମାନଙ୍କରେ ଚିତ୍ର "ଖ" ସନ୍ନିହିତ ସୂକ୍ଷ୍ମ ତତ୍ତ୍ୱର ବିସ୍ତାରିତ ଆଲୋଚନା ନିଷ୍ଠାବାନ ଶିକ୍ଷାର୍ଥୀଙ୍କ ପାଇଁ ଉପଲବ୍ଧ ।

ଅଣ୍ଟେଇବା (ଚିତ୍ର ଦେଖନ୍ତୁ) ପୂର୍ବରୁ ଗୋଟିଏ ପାଦ ପଛକୁ ନେଇ ଆଣ୍ଟେଇବା ଭଲ ।

ସାମାନ୍ୟ ଆଣ୍ଟେଇ ତଳୁ କିଛି ଉଠେଇ ଆଣିବାରେ ସାମାନ୍ୟ କିଛି ଅତିରିକ୍ତ ଅଙ୍ଗଚାଳନା ଆବଶ୍ୟକ । ନୁହେଁ କି ?

ଏଇ କଥା ଉପରେ ବାରମ୍ବାର ଯୋର ଦିଆଯାଉଛି ଯେ ପ୍ରତ୍ୟେକ କର୍ମ ଏଭଳି ଅଭ୍ୟାସ କରି କରାଯିବା ଉଚିତ୍, ଯାହା ଦର୍ଶକଙ୍କ ଆଖିରେ ସ୍ୱାଭାବିକ ଲାଗିବ ।

ତେବେ, ସ୍ୱାଭାବିକ ଢ଼ଙ୍ଗରେ ତଥା ଅନାୟସରେ ଏଇ "ଆଣ୍ଟେଇ ପଡ଼ି କିଛି ଉଠାଇବା" (ଚିତ୍ରରେ ଦର୍ଶାଯାଇଛି) ଭଙ୍ଗୀଟି କରି ଦେଖାଯାଉତ ପ୍ରକୃତରେ କେତେ ସହଜ !

"ପଦଚାଳନା" କ୍ଷେତ୍ରରେ ଆଉ ଏକ ସୂକ୍ଷ୍ମତତ୍ତ୍ୱ ହେଲା, ଇପ୍‌ସିତ ସ୍ଥାନକୁ ଗମନ କରିବା ପୂର୍ବରୁ ସେଠାକୁ ପ୍ରଥମେ ଉଦ୍ଦେଶ୍ୟପୂର୍ଣ୍ଣ ଦୃଷ୍ଟିରେ ଚାହିଁ ତା ପରେ ପଦଚାଳନା କରାଯିବା ବିଧେୟ ।

ନିୟମ :

* ପ୍ରତ୍ୟେକ ଅଙ୍ଗଚାଳନା ଉଦ୍ଦେଶ୍ୟ ପ୍ରଣୋଦିତ ହେବା ବିଧେୟ ।

* ଉଦ୍ଦେଶ୍ୟହୀନ ଅଙ୍ଗଚାଳନାଗୁଡ଼ିକୁ ଚିହ୍ନଟ କରି ବାଦ ଦେବାକୁ ପ୍ରୟାସ କରିବା ବିଧେୟ ।

* କୌଣସି ଅଭ୍ୟାସ - ଅଙ୍ଗଚାଳନା ସମ୍ବନ୍ଧରେ ହେଉ ଅଥବା ଯାଦୁଖେଳର ପୂର୍ବାଭ୍ୟାସ ସମ୍ବନ୍ଧୀୟ ହେଉ, ଲୋକଙ୍କ ଆଗରେ ଅଭ୍ୟାସ କରିବା ଅନୁଚିତ୍ । ସମସ୍ତ ପ୍ରକାର ଅଭ୍ୟାସ ଏକାନ୍ତରେ କରଣୀୟ ।

□□□

# ବାକ୍‌ଚାତୁରୀ

କେତେକ ଯାଦୁକର ଯାଦୁ ପ୍ରଦର୍ଶନ ସମୟରେ କିଛି କଥା ନକହି ଅଙ୍ଗଭଙ୍ଗୀ ମାଧ୍ୟମରେ ଓ ଯନ୍ତ୍ର ସଙ୍ଗୀତର ତାଳେ ତାଳେ ନିଜର କଳା ଚାତୁରୀ ପ୍ରଦର୍ଶନ କରିଥାଆନ୍ତି, ଭଲ ଭାବେ ଲକ୍ଷ କଲେ ଜଣାଯାଏ, ଏଭଳି ପ୍ରଦର୍ଶନ ଖୁବ୍ କମ୍ ସମୟ ପାଇଁ କରାଯାଇଥାଏ । ୩୦ ସେକେଣ୍ଡରୁ ୫-୧୦ ମିନିଟ୍‌ର କାର୍ଯ୍ୟକ୍ରମଟିଏ ନିଖୁଣ ଭାବେ ପ୍ରସ୍ତୁତ କରି ପ୍ରଦର୍ଶନ କରିବା ପାଇଁ କେହି କେହି ଜୀବନ ବ୍ୟାପି ସାଧନାରତ ଥାଆନ୍ତି ।

କିଛି କଥା ନକହି କେବଳ ଅଙ୍ଗଭଙ୍ଗୀ ମାଧ୍ୟମରେ ନିଜକୁ ବ୍ୟକ୍ତ କରିବା ଏକ କଠିନ ବ୍ୟାପାର । ମୂକାଭିନୟ ଏକ କଷ୍ଟକର ସାଧନା ।

ଗବେଷଣାରୁ ଜଣାଯାଇଛି ଏକ ପ୍ରଭାବଶାଳୀ ଉପସ୍ଥାପନାରେ ଲାଳିତ୍ୟପୂର୍ଣ୍ଣ ଶାରିରୀକ ଠାଣୀ ଏବଂ ଅର୍ଥପୂର୍ଣ୍ଣ ଚାହାଣୀର ଗୁରୁତ୍ୱ ଶତକଡ଼ା ୫୫ ଭାଗ; ପ୍ରାଞ୍ଜଳ କଣ୍ଠସ୍ୱର ଓ ମାର୍ଜିତ କଥାବାର୍ତ୍ତାର ପ୍ରଭାବ ଶତକଡ଼ା ୩୮ ଭାଗ ହୋଇଥିବା ସ୍ଥଳେ ପ୍ରସଙ୍ଗ ବା ବିଷୟବସ୍ତୁର ଗୁରୁତ୍ୱ ଶତକଡ଼ା ୭ ଭାଗ ମାତ୍ର ।

ଜେମସ୍ ରିନିକ୍ସ ନାମକ ଯାଦୁ ବିଶାରଦ କହନ୍ତି, କାର୍ଯ୍ୟକ୍ରମର ପ୍ରତ୍ୟେକ ମୁହୂର୍ତ୍ତରେ ଏଇ ଚାରୋଟି କଥାରୁ କିଛି ଗୋଟିଏ ହେଲେ ନିଷ୍ଚୟ ଘଟୁଥିବ ଯଥା: ଯାଦୁକର କିଛି କହୁଥିବେ; ଯନ୍ତ୍ର ସଙ୍ଗୀତ ବାଜୁଥିବ; ଦର୍ଶକ ଗଣ ହସୁଥିବେ ନତୁବା ତାଳିମାରୁଥିବେ । ସମ୍ପୂର୍ଣ୍ଣ ନିରବତା ଏକ ବିରଳ ବ୍ୟତିକ୍ରମ ।

ଏଇ ପରୀପ୍ରେକ୍ଷୀରେ "ଇନ୍ଦ୍ରଜାଲ ସମାଚାର" - ନଭେମ୍ବର ୨୦୦୧ (ଇନ୍ଦ୍ରଜାଲ ବିକାଶ ମ୍ୟାଜିକ୍ ଏକାଡ଼େମୀ ର ମୁଖପତ୍ର) ସଂଖ୍ୟାରେ ପ୍ରକାଶିତ ସମ୍ପାଦକୀୟକୁ ପ୍ରାସଙ୍ଗିଗତା ଦୃଷ୍ଟିରୁ ଉଦ୍ଧାର କରୁଛି : -

"କୁହୁକ ଏକ ଚାତୁର୍ଯ୍ୟପୂର୍ଣ୍ଣ କଳା । ସ୍ଥୂଳତଃ ଇଂରାଜୀ ଶବ୍ଦ MAGIC ର ଉତ୍ପତ୍ତି "MAGUS" ରୁ ଯାହାର ଅର୍ଥ ଚତୁରବ୍ୟକ୍ତି (ଅଭିଧାନର ସଂଜ୍ଞା) । ସୂକ୍ଷ୍ମଭାବେ ଅନୁଧ୍ୟାନ କଲେ ଆମେ ଦେଖୁ ଯେ ଯାଦୁବିଦ୍ୟାର ପ୍ରତ୍ୟେକ ଅଙ୍ଗ ଚାତୁର୍ଯ୍ୟରେ ସମୃଦ୍ଧ । ପ୍ରତ୍ୟେକ ଯାଦୁ ଖେଳର ରହସ୍ୟ ଚତୁର କୌଶଳ ସମ୍ବଳୀତ । ଖାଲି ସେତିକି ନୁହେଁ, ସଫଳ ଯାଦୁକରଟିଏ ହେବାକୁ ହେଲେ - ସୁନିର୍ବାଚିତ ଯାଦୁ କୌଶଳଗୁଡ଼ିକୁ ଆୟତ କରି ଚାତୁର୍ଯ୍ୟପୂର୍ଣ୍ଣ ଢ଼ଙ୍ଗରେ ପରିବେଶଷଣ କରିବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ।

ସଫଳ ପେଷାଦାର ଯାଦୁକରମାନଙ୍କ ଉପସ୍ଥାପନାକୁ ଅନୁଧ୍ୟାନ କଲେ ସେମାନଙ୍କ ପଦେ ପଦେ କଥା ଯେ କେତେ ଚାତୁର୍ଯ୍ୟପୂର୍ଣ୍ଣ ତାହା ଜାଣିହୁଏ ।

ଯାଦୁକରମାନେ ଯାଦୁ ପ୍ରଦର୍ଶନ ସମୟରେ ଯେଉଁ କଥା କହନ୍ତି, ସେଇ ଅଂଶକୁ ଇଂରାଜୀ ଭାଷାରେ Patter କୁହାଯାଏ । ଏହା ଚାତୁର୍ଯ୍ୟପୂର୍ଣ୍ଣ କଥା ବା "ବାକ୍ ଚାତୁରୀ" । ଚାତୁର୍ଯ୍ୟପୂର୍ଣ୍ଣ ଶବ୍ଦମାନଙ୍କର ସୁନିର୍ବାଚନ, ସଂଯୋଜନା ଏବଂ ପ୍ରୟୋଗକୁ ଏକ ସ୍ୱତନ୍ତ୍ର କଳାର ମାନ୍ୟତା ଦିଆଯାଇପାରେ । ପ୍ରତିସ୍ତରର ବକ୍ତା/ଉପସ୍ଥାପକ ପାଇଁ ବାକ୍‌ଚାତୁରୀ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସଫଳତାକାମୀ ଯାଦୁକର ଏ ଦିଗରେ ବିଧିବଦ୍ଧ ପ୍ରସ୍ତୁତି କରିବା ଆବଶ୍ୟକ ।

ଶବ୍ଦର କ୍ଷମତା ଅସୀମ । ପଦେପଦେ କଥା ବନ୍ଧୁ ଅର୍ଜନ କରିପାରେ ଅଥବା ଶତ୍ରୁ ଅର୍ଜନ କରିପାରେ; ପଦେପଦେ କଥାରେ ପ୍ରଳୟ ଘଟିଯାଇପାରେ; ପଦେ ପଦେ କଥାରେ ଦେଶ ଦେଶ ମଧ୍ୟରେ ଯୁଦ୍ଧର ସୂତ୍ରପାତ୍ର ହୋଇପାରେ; ପଦେପଦେ କଥା ଦର୍ଶକକୁ ହସାଇପାରେ ଅଥବା କନ୍ଦାଇପାରେ । ଟି.ଭି., ଖବରକାଗଜ ଆଦିରେ ପ୍ରକାଶ ପାଉଥିବା ବିଜ୍ଞାପନଗୁଡ଼ିକୁ ଧ୍ୟାନ ଦିଅନ୍ତୁ, ଶବ୍ଦର ଚାତୁର୍ଯ୍ୟପୂର୍ଣ୍ଣ ପ୍ରୟୋଗ ବିଷୟରେ ସହଜରେ ଅବଗତ ହୋଇପାରିବେ ।

ଭଲ ଯାଦୁ ପ୍ରଦର୍ଶନ ସାଙ୍ଗକୁ ମନ ମତାଣିଆ କଥା ଯଦି ଖାପଖାଇଲା, ଦର୍ଶକଙ୍କ ମନ ମୋହିଯିବ । ଏହା ତ କଳାକାରର ଲକ୍ଷ୍ୟ !"

□ □ □

*କୋଟୋଟି ଗୁରୁତ୍ୱପୂର୍ଣ୍ଣ ଉପଦେଶ : -*

* *ସାଧାରଣତଃ କଣ ଘଟିବାକୁ ଯାଉଛି, ସେ ବିଷୟରେ ଆଗରୁ କିଛି କହିବା ଅନୁଚିତ୍ ।*

* *ଯାଦୁକରମାନେ Ordinary ବା "ସାଧାରଣ"ଶବ୍ଦର ବହୁଳ ପ୍ରୟୋଗ କରିଥାଆନ୍ତି । ଯଥା : ଏହା ଗୋଟିଏ ଅର୍ଡ଼ିନାରି ରୁମାଲ; ମୋ ହାତରେ ଖଣ୍ଡେ ସାଧାରଣ ଦଉଡ଼ି ଅଛି; ଏହା ଗୋଟିଏ ଅର୍ଡ଼ିନାରୀ ତାସ; ଏଇଟି ଗୋଟିଏ ଅର୍ଡ଼ିନାରି ଦିଆସିଲି ଇତ୍ୟାଦି । ସାବଧାନ ! ଏପରି କହିବା ବିପଦଜନକ ।*

* *ଅଶ୍ଳୀଳ ଶବ୍ଦ ପ୍ରତି ସତର୍କ ରୁହନ୍ତୁ ।*

# ମଞ୍ଚଲିପି

ଆଦର୍ଶ ମଞ୍ଚଲିପି ପ୍ରସ୍ତୁତ କରିବା ପୂର୍ବରୁ କିପରି ବିକଶିତ କରାଯାଇଛି ଏଠାରେ ତାହାର ଏକ ସରଳ ନମୁନା ପ୍ରଦତ୍ତ ଦେଲା । କଥା ଓ କାର୍ଯ୍ୟର ସମନ୍ବୟରେ ଉପସ୍ଥାପନା କିପରି ଅଧିକ ପ୍ରଭାବଶାଳୀ ହୋଇପାରିବ ସେ ବିଷୟରେ ଏଥିରୁ ସମ୍ୟକ ଧାରଣା ଜନ୍ମିବ । ଏହା ଏକ ନମୁନା ମାତ୍ର ।

ରଙ୍ଗ ବଦଳାଉଥିବା ପେନ୍‌ସିଲ୍ ଖେଳଟି ଏଠାରେ ଉଦାହରଣ ରୂପେ ଗ୍ରହଣ କରାଯାଇଛି । ଖେଳଟି ଏହିପରି :-

ଯାଦୁକର ଗୋଟିଏ ହଳଦି ରଙ୍ଗର ପେନ୍‌ସିଲ୍ ଧରିଛନ୍ତି । ପକେଟ୍‌ରୁ ଗୋଟିଏ ଲାଲ୍ ରୁମାଲ୍ କାଢ଼ି ପେନ୍‌ସିଲ୍‌ଟିକୁ ହାଲକାଭାବେ ପୋଛିଦେଲେ । ପୁଣିଥରେ ବି ପୋଛିଦେଲେ । ତୃତୀୟଥର ପୋଛି ଦିଅନ୍ତେ ପେନ୍‌ସିଲ୍‌ର ହଳଦୀ ରଙ୍ଗ ନିମିଷକରେ ବଦଳିଯାଇ ଲାଲ୍ ହୋଇଗଲା- ଯାହା ରୁମାଲ୍‌ର ରଙ୍ଗ ସଙ୍ଗେ ସମାନ ।

## ପ୍ରଥମ ଥର

| କାର୍ଯ୍ୟ | କଥା |
|---|---|
| ଯାଦୁକର ପେନ୍‌ସିଲ୍ ଉଠାଇଲେ । | ମା ହାତରେ ଗୋଟିଏ ପେନ୍‌ସିଲ୍ । |
| ଟେବୁଲ୍ ଉପରେ ଥରେ ଦୁଇଥର ଠୁକୁରାଇଲେ । | କାଠରେ ତିଆରି |
| ଆଖି ସମ୍ନାରେ ଧରି ଗୁରୁତ୍ୱଦେଇ ଚାହିଁଲେ । | ରଙ୍ଗ ହଳଦିଆ । |
| ପକେଟ୍‌ରୁ ରୁମାଲ୍ ବାହାର କରି ଦେଖାଇଲେ । | ମୋ ରୁମାଲର ରଙ୍ଗ ଲାଲ୍ |
| ପେନ୍‌ସିଲ୍‌ଟିକୁ ପୋଛି ଦେଲେ । | ପେନ୍‌ସିଲ୍‌ଟିକୁ ମୁଁ ପୋଛି ଦେଉଛି, ଥରେ.... |
| ପୁଣି ଥରେ ପୋଛିଲେ । | .......ଦୁଇଥର |
| ତୃତୀୟ ଥର ପାଇଁ ପୋଛିଲେ । ରଙ୍ଗ ବଦଳିଗଲା । | ତିନିଥର...ଏବେ ଦେଖନ୍ତୁ, କି ଅପୂର୍ବ ଯୋଡ଼ି ! |

| | |
|---|---|
| ପେନ୍ସିଲଟି ଛାତି ସମ୍ନାରେ ଧରିବା ଅବସ୍ଥାରେ ରୁମାଲ୍ ପକେଟରେ ଭର୍ତ୍ତି କଲେ । | "ଖେଳଟି ଉପଭୋଗ କରିଥିବାରୁ ଆପଣମାନଙ୍କୁ ବିଶେଷ ଧନ୍ୟବାଦ" |

ଖେଳର ସମାପ୍ତି ସୂଚକ ଧନ୍ୟବାଦ ଭଙ୍ଗୀ ।

*ଭଲଭାବରେ ଅନୁଧ୍ୟାନ କଲେ କେତେକ ଅନାବଶ୍ୟକ କଥା ରହିଛି ।*
*ସେଗୁଡ଼ିକୁ ବାଦ ଦେଇ ହେବନି କି ?*

## ୨ୟ ଅଙ୍କ

| କାର୍ଯ୍ୟ | କଥା |
|---|---|
| ଯାଦୁକର ପେନ୍ସିଲଟି ଟେବୁଲ୍ ଉପରୁ ଉଠାଇଲେ, ଦର୍ଶକଙ୍କୁ ଦେଖାଇଲେ ଓ ଟେବୁଲ୍ ଉପରେ ଥରେ ୨ ଥର ଠୁକୁରାଇଲେ । ପୁଣି ଛାତି ସମ୍ନାରେ ଧରି ଦେଖାଇଲେ । | "ଏ ପେନ୍ସିଲଟିର ରଙ୍ଗ ହଳଦିଆ" |
| ରୁମାଲ୍ ବାହାର କଲେ । | ..... ମୋ ରୁମାଲଟି ଲାଲ୍ । |
| ଥରେ ପୋଛିଲେ | .....ପେନ୍ସିଲ୍‌ଟିକୁ ଥରେ ପୋଛି ଦେଲି । |
| ପୁଣି ପୋଛିଲେ | .... ପୁଣି ଥରେ |
| ୩ୟ ଥର ପୋଛିଦେଲେ .... | ପୁଣିଥରେ । ଏବେ ପେନ୍ସିଲ୍‌ଟିବି ଲାଲ ହୋଇଗଲା । |
| ପେନ୍ସିଲ୍‌ଟି ଧରି ରଖି ରୁମାଲ୍ ପକେଟସ୍ଥ କଲେ । | |

ଏହା ନିଶ୍ଚୟ ପୂର୍ବାପେକ୍ଷା ଉନ୍ନତ ।

ଏହାକୁ ଅନୁଧ୍ୟାନ କଲେ ଜଣାଯିବ, ତଥାପି ଏଥିରେ କିଛି କଥା ଅଛି ଯାହା ମଧ୍ୟ ଅନାବଶ୍ୟକ । "ଏ ପେନ୍ସିଲ୍‌ଟିର ରଙ୍ଗ ହଳଦିଆ" କହିବା ଦର୍ଶକଙ୍କ ଦୃଷ୍ଟିଶକ୍ତି ପ୍ରତି ଅପମାନଜନକ । ଦର୍ଶକ ଆଗରୁ ପେନ୍ସିଲ୍ ବିଷୟରେ ଅବଗତ ଥିବାରୁ, ଏବଂ ଏବେ ଯାଦୁକର ପେନ୍ସିଲ୍‌ଟିକୁ ଦେଖାଇବା, ଟେବୁଲ୍ ଉପରେ ଠୁକୁରେଇବା ଏବଂ ଭଲଭାବରେ ଦେଖାଇବା ଦ୍ୱାରା ଏପରିସ୍ଥିତିରେ କେତେଗୁଡ଼ିଏ ଶବ୍ଦର ପ୍ରୟୋଗ ଅନାବଶ୍ୟକ ମନେହୁଏ ।

## ୩ୟ ଥର

| କାର୍ଯ୍ୟ | କଥା |
|---|---|
| ଯାଦୁକର ପେନ୍‌ସିଲ୍ ଉଠାଇଲେ, ଦେଖାଇଲେ, ଟେବୁଲ୍‌ଉପରେ ଠୁକୁଠାଇଲେ, ପୁଣି ଛାତି ସମ୍ମାରେ ଧରି ଦେଖାଇଲେ । | (ଦର୍ଶକଙ୍କୁ ଚାହିଁ) ଏଇଟି କି ରଙ୍ଗର ପେନ୍‌ସିଲ୍ ? |
| ପକେଟ୍‌ରୁ ରୁମାଲ୍ କାଢ଼ି ଦେଖାଇଲେ । | ଆଉ ଏ ରୁମାଲ୍ ? |
| ପେନ୍‌ସିଲ୍‌କୁ ରୁମାଲ୍‌ରେ ୩ ଥର ପୋଛିଲେ । | ଏ ପେନ୍‌ସିଲକୁ ପୋଛି ଦେଉଛି । ଥରେ. ... ୨ ଥର ... ପେନ୍‌ସିଲ୍ ପାଲଟି ଗଲା ଲାଲ୍ । ବାଃ ! ଚମତ୍କାର । |
| ପେନ୍‌ସିଲ୍ ଧରିଥିବା ଅବସ୍ଥାରେ ରୁମାଲ୍ ପକେଟ୍‌ରେ ରଖି ଖେଳର ସମାପ୍ତି ଜଣାଇଲେ । | |

ଯାଦୁକରର ସଂଳାପ ବିଷୟରେ ମଧ୍ୟ ଭିନ୍ନ ଭିନ୍ନ ମତ ।

ଗୋଟିଏ ମତ ଅନୁସାରେ ସଂଳାପ ସବୁକୁ ମୁଖସ୍ଥ କରିବା ଦରକାର । ଏହାଦ୍ୱାରା କାର୍ଯ୍ୟସହ କଥା ଅନର୍ଗଳ ଏବଂ ସ୍ୱଚ୍ଛନ୍ଦରେ ଚାଲିଥାଏ ।

ଅନ୍ୟମତରେ, ସଂଳାପକୁ ମୁଖସ୍ଥ କରି କହିଲେ ଏହା ଶୁଆ ଘୋଷିଲା ଭଳି ହୋଇଥାଏ । ଯଦି କୌଣସି ଆକସ୍ମିକ ପରିସ୍ଥିତି ଉପୁଜେ ସେ ସମୟର ଆକସ୍ମିକ କଥା ଓ ମୁଖସ୍ଥ କରିଥିବା ସଂଳାପ ମଧ୍ୟରେ ଥିବା ପାର୍ଥକ୍ୟ ଦର୍ଶକ ଆଖିରେ ଧରାପଡ଼ିଯାଏ । ତେଣୁ ସଂଳାପ ମୁଖସ୍ଥ କରି କହିବାଠାରୁ ସ୍ୱତଃ ଏବଂ ନିଜସ୍ୱ ଶୈଳୀରେ କହିଲେ ଖାପ ଖାଇଥାଏ । ବ୍ୟକ୍ତିଗତ ଭାବେ ମୁଁ ଏହି ମତ ସପକ୍ଷରେ ।

ପ୍ରାରମ୍ଭିକ ଅବସ୍ଥାରେ କିଛି ମୁଖସ୍ଥ କରା ସଂଳାପ ବ୍ୟବହାର କରାଯାଇପାରେ । ଅଭିଜ୍ଞତା ବୃଦ୍ଧିସହ ସ୍ୱତଃସ୍ଫୁର୍ତ ସଂଳାପର ଉନ୍ନତି ଘଟେ । ଜଣେ ଦକ୍ଷ କଳାକାର ଯେକୌଣସି ଆକସ୍ମିକ ସମସ୍ୟାକୁ ମଧ୍ୟ ସୁଚାରୁ ରୂପେ ସାମ୍ନା କରିପାରେ ।

□□□

# ସ୍ବର ସାଧନା

ପ୍ରତ୍ୟେକ ବ୍ୟକ୍ତିର କଣ୍ଠସ୍ୱର ଭିନ୍ନ ଭିନ୍ନ ମାନର । ସ୍ୱରକୁ ମଞ୍ଚ ଉପଯୋଗୀ କରିବା ତଥା ଏହାକୁ ଉନ୍ନତ କରିବା ପାଇଁ ନାନା ପ୍ରକାର ଅଭ୍ୟାସ ଅଛି । ତେବେ ସ୍ୱର ସାଧନା ଏକ ବ୍ୟାପକ ଏବଂ ଗହନ ବିଷୟ । ଏଥିପାଇଁ ଉପଯୁକ୍ତ ଗୁରୁଙ୍କ ସହାୟତା ନିଆଯିବା ବାଞ୍ଛନୀୟ । ଏ କ୍ଷେତ୍ରରେ ନକଲିଗୁରୁ ଅଧିକ ସଂଖ୍ୟାରେ ଥିବାରୁ ଉପଯୁକ୍ତ ଗୁରୁଙ୍କୁ ଠାବ କରିବା ବିଧେୟ । ଉପଯୁକ୍ତ ଗୁରୁ ଚୟନରେ ସତର୍କତା ଓ ସାବଧାନତା ଅବଲମ୍ବନ ନ କଲେ ଫଳ ବିଷମ ହେବ । ଯଦି ଏପରି କୌଣସି ଉପଯୁକ୍ତ ଗୁରୁଙ୍କ ବିଷୟରେ ଆପଣ ଅବଗତ ହୁଅନ୍ତି ଯାହାଙ୍କ ଦ୍ୱାରା ତାଙ୍କ ଛାତ୍ରମାନେ ପ୍ରକୃତରେ ଉପକୃତ ହୋଇଛନ୍ତି, ତେବେ ତାଙ୍କର ସହାୟତା ଲୋଡ଼ନ୍ତୁ । ସେ ଆପଣଙ୍କୁ ସଠିକ୍ ମାର୍ଗ-ଦର୍ଶନ କରାଇବେ ।

ଏଠାରେ କେତେକ ମୌଳିକ ତତ୍ତ୍ୱ ସମ୍ବନ୍ଧୀୟ ସମ୍ୟକ ଆଲୋକପାତ କରାଯାଉଛି ।

ଶରୀରରୁ ବହିର୍ଗତ ବାୟୁ ସ୍ୱର ଯନ୍ତ୍ରକୁ ପ୍ରକମ୍ପିତ କରିବା ଫଳରେ ସ୍ୱର ସୃଷ୍ଟି ହୁଏ । ଜିଭ, ଓଠ, ତାଳୁ ଇତ୍ୟାଦିକୁ ବ୍ୟବହାର କରି ସ୍ୱରର ତୀବ୍ରତା, ନାଦ, ଲହର ଆଦିକୁ ଇଚ୍ଛା ମୁତାବକ ନିୟନ୍ତ୍ରଣ କରାଯାଇପାରେ ।

ଏଥିରୁ ମୁଖ୍ୟତଃ ୨ ଟି ବିଷୟ ଉପରେ ଗୁରୁତ୍ୱ ଦେଲେ ଆଶାଜନକ ଉପକାର ମିଳିବ । ପ୍ରଥମତଃ, ଶରୀରରେ ଫୁସ୍ ଫୁସ୍ ହିଁ ବାୟୁ ଧାରଣ କରେ । ଉପଯୁକ୍ତ ଅଭ୍ୟାସ ଦ୍ୱାରା ଫୁସ୍‌ଫୁସ୍‌ର ବାୟୁଧାରଣ କ୍ଷମତା ବୃଦ୍ଧି କରାଯାଇପାରେ । ଅଧିକ ପରିମାଣର ବାୟୁ ଧାରଣ କରି ନିୟନ୍ତ୍ରିତ ଭାବେ ତ୍ୟାଗ କରିବାର ସଠିକ୍ ଅଭ୍ୟାସ ମଧ୍ୟରୁ କିଛି ସରଳ ଓ ନିରାପଦ ଅଭ୍ୟାସ ବିଷୟରେ ଏଠାରେ ବର୍ଣ୍ଣନା କରାଯିବ ।

ଦ୍ୱିତୀୟତଃ, ଉତ୍ପନ୍ନ ହେଉଥିବା ସ୍ୱର ଯେପରି ସବୁ ଦର୍ଶକ ଠିକ୍ ଭାବରେ ଶୁଣିପାରିବେ; ଏହାଦ୍ୱାରା କଳାକାର ଚାହୁଁଥିବା ବିଭିନ୍ନଧରଣର ଭାବ ଓ ଅର୍ଥ ଦର୍ଶକମାନେ ସଠିକ୍ ହୃଦୟଙ୍ଗମ କରିପାରିବେ ସେ ଦିଗରେ ଉଦ୍ୟମ କରାଯିବା ଉଚିତ୍ ।

ପ୍ରେକ୍ଷାଳୟର ସବୁ ଦର୍ଶକ କିପରି ଭଲଭାବେ ଶୁଣି ପାରିବେ, ସେଥିପାଇଁ ହୁଡ଼ିନି ଅବଲମ୍ବନ କରୁଥିବା ଉପାୟଟି ପ୍ରଣିଧାନଯୋଗ୍ୟ । ସେ ବିଶ୍ୱରୁ ଥିଲେ ଯେ ଶେଷଧାଡ଼ିର ଦର୍ଶକ ଯଦି ତାଙ୍କର କଥା ଠିକ୍ ଶୁଣିପାରୁଛି ତେବେ ଅନ୍ୟମାନେ ମଧ

ଠିକ୍ ଶୁଣିପାରୁଥିବେ । ତେଣୁ ସେ ଶେଷଧାଡ଼ିକୁ ଲକ୍ଷ କରି ଉପଯୁକ୍ତ ଢ଼ଙ୍ଗରେ କହୁଥିଲେ । କିନ୍ତୁ ଏପରି କାର୍ଯ୍ୟ ସ୍ୱାଭାବିକ ହେବା ଆବଶ୍ୟକ । ଦର୍ଶକ ଯେପରି ନଭାବନ୍ତି, ଯାଦୁକର ମଞ୍ଚ ଉପରେ ଚିତ୍କାର କରୁଛନ୍ତି । ପୁନଶ୍ଚ, ଉତ୍ପନ୍ନ ସ୍ୱର ମାଧ୍ୟମରେ ବିଭିନ୍ନ ଭାବାବେଗ ପ୍ରଭାବଶାଳୀ ଢ଼ଙ୍ଗରେ ପ୍ରକାଶ କରାଯାଇପାରେ । ଟେଲିଫୋନ୍‌ରେ ଶୁଣୁଥିବା କଥାରୁ ବକ୍ତାଙ୍କୁ ନ ଦେଖିଲେ ମଧ୍ୟ ପ୍ରଥମ କେଇପଦ କଥାରୁ ଅନେକ କିଛି ବାରି ହୋଇଯାଏ । ଏହା ଉତ୍ପନ୍ନ ସ୍ୱରର କେତେକ ସୂକ୍ଷ୍ମ ତାରତମ୍ୟ ଯୋଗୁଁ ଭିନ୍ନ ଭିନ୍ନ ପ୍ରଭାବ ସୃଷ୍ଟି କରିଥାଏ । "ହ୍ୟାଲୋ" ଶବ୍ଦକୁ ଭିନ୍ନ ଭିନ୍ନ ଭାବ ଯଥା : ପ୍ରେମ, କ୍ରୋଧ, ବିସ୍ମୟ, ନିଶ୍ଚିତତା, ଅସ୍ପଷ୍ଟତା, ବିରକ୍ତି, ସନ୍ଦେହ ଆଦି ଭାବ ବ୍ୟକ୍ତକରି ଉଚ୍ଚାରଣ କଲେ ପାର୍ଥକ୍ୟ ସମ୍ବନ୍ଧରେ ଧାରଣା ଜନ୍ମିବ । ବିଭିନ୍ନ ବକ୍ତାଙ୍କ ଭାଷଣ ଅନୁଧ୍ୟାନ ପୂର୍ବକ ଶୁଣିବା ଦ୍ୱାରା ମଧ୍ୟ ସୁଫଳ ମିଳିଥାଏ । ନିଜ ସ୍ୱରକୁ ରେକର୍ଡ଼ କରି ଶୁଣାଯାଇପାରେ ।

ମାଇକ୍ରୋଫୋନ୍‌ର ବ୍ୟବହାରର ଉପକାରିତା ଠାରୁ ଅସୁବିଧା ଅଧିକ । ଏ ଦିଗରେ ଯଥେଷ୍ଟ ସତର୍କତା ଅବଲମ୍ବନ କରାଯିବା ଆବଶ୍ୟକ । ଏହା ଆବଶ୍ୟକ କିନ୍ତୁ ଯାଦୁକରର କାର୍ଯ୍ୟ ସମ୍ପାଦନରେ ବହୁତ ବାଧା ସୃଷ୍ଟି କରି ଥାଏ ।

ମାଇକ୍ରୋଫୋନ୍‌ର ବ୍ୟବହାର କଲାବେଳେ ମୁହଁ ଠାରୁ ପ୍ରାୟ ଚ୍ଛଖଣ୍ଡେ ଦୂରରେ ରଖି ସାଧାରଣ ଭାବେ କଥା କହିବା ଆବଶ୍ୟକ ଯେପରି ପ୍ରଥମ ଧାଡ଼ିକୁ ଲକ୍ଷ୍ୟ କରି କଥାକୁହାଯାଉଛି ।

ଏଇ ପରିପ୍ରେକ୍ଷୀରେ ସ୍ୱରବର୍ଣ୍ଣ ଓ ବ୍ୟଞ୍ଜନବର୍ଣ୍ଣ ସମ୍ବନ୍ଧରେ କିଞ୍ଚିତ୍ ଆଲୋଚନା କରାଯାଉ :

ସରଳଭାବରେ କହିଲେ ଶରୀରରୁ ନିର୍ଗତ ବାୟୁରୁ ବିନା ବାଧାରେ ଉତ୍ପନ୍ନ ସ୍ୱରକୁ ସ୍ୱରବର୍ଣ୍ଣ କୁହାଯାଏ । କିନ୍ତୁ ବ୍ୟଞ୍ଜନ ବର୍ଣ୍ଣର ଉଚ୍ଚାରଣ କଲାବେଳେ ନିର୍ଗତ ବାୟୁରେ କିଛି ବାଧା ଥାଏ । ଉଦାହରଣରୂପେ 'ଅ' 'କ' 'ଚ' 'ଟ' 'ତ' 'ପ' କୁ ନିଆଯାଉ । ଏଇସବୁ ଗୋଟି ଗୋଟି କରି ଉଚ୍ଚାରଣ କଲେ ବ୍ୟଞ୍ଜନ ବର୍ଣ୍ଣରେ ଉପୁଜୁଥିବା ବାଧାମାନଙ୍କ ପାଇଁ ଦାୟୀ ମାଂସପେଷୀମାନଙ୍କ ବିଷୟରେ ଜାଣିହେବ । 'କ', 'ଖ', 'ପ', 'ଫ' ଆଦି ଉଚ୍ଚାରଣରେ ଭିନ୍ନତା ପାଇଁ ଦାୟୀ ସୂକ୍ଷ୍ମକାରଣଗୁଡ଼ିକ ମଧ୍ୟ ଅନୁମାନ କରିହେବ ।

ସ୍ୱରସାଧନାର ଅଭ୍ୟାସମାନ ବହିରୁ ପଢ଼ି କରିବା ଅପେକ୍ଷା ଦକ୍ଷ ଗୁରୁଙ୍କ ତତ୍ତ୍ୱାବଧାନରେ କରାଯିବା ଉଚିତ୍ ବୋଲି ଆଗରୁ ସତର୍କ କରିଦିଆଯାଇଛି । ତେବେ ପ୍ରାରମ୍ଭିକ ଅବସ୍ଥାରେ କିଛି ସହଜ ଓ ନିରାପଦ କୌଶଳର ଅଭ୍ୟାସ କାମ ଚଳିବାରେ ସହାୟକ ହେବ ।

**ଦୀର୍ଘ ପ୍ରଶ୍ୱାସ ପାଇଁ :**

ଆମେ ଗ୍ରହଣ କରୁଥିବା ବାୟୁ ଫୁସ୍‌ଫୁସ୍‌କୁ ପ୍ରବେଶ କରେ । ଫୁସ୍ ଫୁସ୍ ଉପରେ ପିଞ୍ଜରା ହାଡ଼ ସବୁ ଥାଆନ୍ତି । ମଧ୍ୟଛଦା ତଳକୁ ଥାଏ ପାକସ୍ଥଳୀ ।

ସହଜ ଭଙ୍ଗୀରେ ସିଧା ଠିଆ ହେବା ଅବସ୍ଥାରେ ଛାତିକୁ ଆଗକୁ ଠେଲିଲେ ପଞ୍ଜରା ହାଡ଼ ସବୁ ସାମାନ୍ୟ ପ୍ରସାରିତ ହେବେ । ପାକସ୍ଥଳୀକୁ ସାମାନ୍ୟ ଫୁଲାଇ ଫୁସ୍‌ଫୁସ୍‌କୁ ଭରିଲେ ଅଧିକ ବାୟୁ ଗ୍ରହଣ କରିହେବ ।

ଏଇପରି ବାରମ୍ବାର ୪ / ୫ ମିନିଟ୍ ବିନାବାଧାରେ କରାଯାଉ କିନ୍ତୁ କାନ୍ଧ ଯେପରି ପଡ଼୍‌ଉଠ ନ ହୁଏ । କୌଣସି ମାଂସପେଷୀକୁ ନଷ୍ଟ ନହେଲା ପରି ଆସ୍ତେ ଆସ୍ତେ ଅଭ୍ୟାସ କରି କ୍ରମେ ବଢ଼ାଯିବା ଦରକାର । ରାତିରେ ଶୋଇଲାବେଳେ ଚିତ୍ ହୋଇ ଶୋଇ ମଧ୍ୟଛଦାଠାରୁ ପେଟକୁ ଫୁଲାଇ ଓ ଛାତିକୁ ପ୍ରସାରିତ କରି ପ୍ରାୟ ୪ / ୫ ମିନିଟ୍ ମଧ୍ୟ ଏହା କରାଯାଇପାରେ । ନିୟମିତ ସକାଳେ ଓ ଶୋଇଲାବେଳେ କରିବା ଅତ୍ୟନ୍ତ ଲାଭପ୍ରଦ ।

ଦ୍ୱୀତିୟତଃ, ଆମେ ଅବଶ ଅନୁଭବ କଲାବେଳେ ହାଇ ମାରିଥାଉ । ଏ ଅବସ୍ଥାରେ ମୁହଁ ବିସ୍ତାରିତ ଭାବେ ଖୋଲି ହୋଇ ଫୁସ୍‌ଫୁସ୍‌କୁ ଅଧିକ ବାୟୁ ପ୍ରବେଶ କରି ଅଧିକ ଅମ୍ଳଜାନ ଯୋଗାଇ ଆମକୁ ସତେଜତା ଦେଇ ଥାଏ । ଏଇ ହାଇ ମାରିବା କାର୍ଯ୍ୟକୁ ମୁହଁ ବନ୍ଦ କରି କାରାଯାଇପାରେ । ଏହ ମଧ୍ୟ ଏକ ସରଳ ଓ ନିରାପଦ ଅଭ୍ୟାସ । ଏ ଭଙ୍ଗୀ ରୁଚି ସମ୍ପନ୍ନ ଓ ସୁସଭ୍ୟ ।

ଗଭୀର ଶ୍ୱାସ ଗ୍ରହଣ ପ୍ରକ୍ରିୟା ଆମ ଭାରତୀୟ ସଂସ୍କୃତିରେ ଲୋକପ୍ରିୟ ପ୍ରାଣାୟମ କ୍ରିୟାର ଅଂଶବିଶେଷ । ଅଭିନେତା ଓ ଗାୟକମାନେ ସାଧାରଣତଃ ଦୀର୍ଘଜୀବି ହୋଇଥାଆନ୍ତି । ପ୍ରାଣାୟମ ସାଧନା ତାଙ୍କ ଦୀର୍ଘ ଜୀବନର ରହସ୍ୟ ବୋଲି କୁହାଯାଏ ।

**ସ୍ୱର ମାର୍ଜନା ପାଇଁ -**

ନିମ୍ନରେ ପ୍ରଦତ୍ତ ପଦ୍ୟଟିକୁ ପରିପ୍ରକାର ଆବୃତ୍ତି କରନ୍ତୁ : ଫୁସ୍ ଫୁସ୍ କରି ; ୨-

୩ ଜଣଙ୍କ ମଧ୍ୟରେ ବାର୍ତ୍ତାଳାପ ପରି; ପ୍ରାୟ ୧୦ ଜଣ ଲୋକ ଶୁଣି ପାରିଲା ଭଳି ଓ ପ୍ରାୟ ୫୦ ଜଣ ଦର୍ଶକ ଶୁଣିପାରିଲା ପରି । ଗୋଟିଏ ଦମ୍‌ରେ ସହଜ ଭାବରେ ଆବୃତ୍ତି କରନ୍ତୁ ଯେପରି ସ୍ୱର ସୃଷ୍ଟିରେ ବଳ ପ୍ରୟୋଗ କଲାଭଳି ନଲାଗେ ।

ପଦ୍ୟଟି କେବଳ ଯେ ସ୍ୱରମାର୍ଜନା ଅଭ୍ୟାସ ପାଇଁ ଉପଯୋଗୀ ତା' ନୁହେଁ, ଗଭୀର ଅର୍ଥପୂର୍ଣ୍ଣ ମଧ୍ୟ । ଏକ ମୂଲ୍ୟବାନ ରତ୍ନ !

"Awaken each clause with tender pause. Recite each section with tone and inflection; And speak each word so it can be heard".

ଏହାକୁ ମୁଖସ୍ଥ କରିଦେଲେ ଏକା ଦମ୍‌ରେ ଆବୃତ୍ତି କରିବା ସହଜ ହେବ । ଏତିକି ଲମ୍ବର କଥା ପ୍ରାରମ୍ଭିକ ଅଭ୍ୟାସ ପାଇଁ ଯଥେଷ୍ଟ ହେବ ।

ମଞ୍ଚ ଉପରୁ କଥା କହୁଥିବା ବେଳେ ଧ୍ୟାନ ଦେବା ଆବଶ୍ୟକ ଯେ କଥା ସବୁ ତଣ୍ଟି ଠାରୁ ନବାହାରି ଯେପରି ଛାତି ଭିତରୁ ବାହାରୁ ଥିବ ।

ସାବଧାନ: - ଧୂମପାନ ଫୁସ୍ ଫୁସ୍ ଓ ସ୍ୱରଯନ୍ତ୍ରର ପରମ ଶତ୍ରୁ ।

□□□

# ବିବିଧ

*"I saw the angel in the marble and carved until I set himself free."*

*— Michelangelo*

ସ୍ଥାନାଭାବରୁ ଯେଉଁ କେତୋଟି ବିଷୟ ଉପରେ ବିଷଦ ଆଲୋଚନା ହୋଇପାରି ନାହିଁ; ସେ ସବୁ ବିଷୟରେ ସମ୍ୟକ ଆଲୋଚନା ଅପ୍ରାସଙ୍ଗିକ ହେବ ନାହିଁ ।

୧. ପ୍ରଦଶର୍ନ ନିମନ୍ତେ ଯାତ୍ରା କରିବା ପୂର୍ବରୁ ସବୁ ଆବଶ୍ୟକୀୟ ସାମଗ୍ରୀର ତାଲିକାକୁ ଭଲଭାବରେ ମିଳାଇ ଯାଞ୍ଚ କରି ନିଅନ୍ତୁ ।

୨. ଯଦି ସମ୍ଭବ ହୁଏ, ପ୍ରଦର୍ଶନ ସ୍ଥଳୀକୁ ପୂର୍ବରୁ ଦେଖିନେବା ଦରକାର ।

୩. ନିଜର ଆବଶ୍ୟକ ସମସ୍ତ ସାମଗ୍ରୀ ନିଜେ ସଂଗ୍ରହ କରନ୍ତୁ । ଏ ବାବଦରେ ମଞ୍ଚ ପରିଚାଳକ ବା ଆୟୋଜକଙ୍କ ଉପର ଅଯଥା ଚାପ ଦିଅନ୍ତୁ ନାହିଁ ।

୪. ଗୋଟିଏ ଯାଦୁ କାର୍ଯ୍ୟକ୍ରମ "ଯାଦୁକର ଦର୍ଶକ" ଓ "ଅଣ-ଯାଦକୁକର ଦର୍ଶକଙ୍କ" ଦ୍ୱାରା ଭିନ୍ନ ଭିନ୍ନ ଭାବେ ଗୃହୀତ ହୋଇଥାଏ ।

୫. ମଞ୍ଚ ଛାଡ଼ିଲା ପୂର୍ବରୁ ଦେଖିନେବା ଉଚିତ୍, ସବୁ ଠିକ୍ ଠାକ୍ ଓ ପରିଷ୍କାର ପରିଛନ୍ନ ଅଛି ।

୬. ଶେଷରେ ମଞ୍ଚର ପରିଚାଳକ ଓ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କୁ ଭେଟି ଧନ୍ୟବାଦ ଦେବାକୁ ଭୁଲନ୍ତୁ ନାହିଁ ।

୭. ଆଜିକାଲି ଅନେକ ଯାଦୁକର "ଅନ୍ତରଙ୍ଗ ଯାଦୁ" ବିଭାଗକୁ ଅଧିକ ପସନ୍ଦ କରୁଛନ୍ତି । ଏହାର କାରଣ ଛୋଟ ଛୋଟ ନିତ୍ୟ ବ୍ୟବହାର୍ଯ୍ୟ କିଛି ସାମଗ୍ରୀ ପକେଟ୍‌ରେ ଥିଲେ ଯେତେବେଳେ ଏବଂ ଯେଉଁଠି ମଧ୍ୟ ଭଲ ଯାଦୁ ପ୍ରଦର୍ଶନ କରାଯାଇପାରିବ । ଅବଶ୍ୟ ଉପଯୁକ୍ତ ଅଭ୍ୟାସ କରି ।

ଏ ପରିସ୍ଥିତିରେ ଯାଦୁକରର ହାତ, ଆଙ୍ଗୁଠି, ମୁହଁ ଦର୍ଶକଙ୍କର ବେଶୀ ଦୃଷ୍ଟି ଆକର୍ଷଣ କରିଥାଏ । ଦର୍ଶକଙ୍କ ଅତି ନିକଟରେ ଏ ପ୍ରକାର ପ୍ରଦର୍ଶନ କରାଯାଉଥିବାରୁ ମଞ୍ଚ ଉପରୁ ଯେଉଁପରି ବ୍ୟବହାର କରାଯାଇଥାଏ ଏ କ୍ଷେତ୍ରରେ କିଛି ପାର୍ଥକ୍ୟ ଥାଏ । ଏ ଶ୍ରେଣୀର ଯାଦୁକରମାନେ ନିଜ ହାତର ଯତ୍ନ ନେବା ପାଇଁ ବିଶେଷ ଧ୍ୟାନ ଦେବା ବାଞ୍ଛନୀୟ । ରାତିରେ ଶୋଇଲା ପୂର୍ବରୁ ହାତକୁ ସାମାନ୍ୟ ଉଷୁମ ପାଣିରେ ସଫା କରି ହାତରେ ଅଲିଭ ତେଲ ମାଲିସ୍ କଲେ ସୁଫଳ ମିଳିଥାଏ । ନଖଗୁଡ଼ିକ ମଧ୍ୟ ପରିଷ୍କାରଭାବେ କଟାଯାଇଥିବା ବିଧେୟ ।

ଗୋଇଠି ଘୋରି ହୋଇଯାଇଥିବା ଯୋତା ନପିନ୍ଧି ଭଲ ଯୋତା ପିନ୍ଧିବା କଥା ।

ଭଲ ଉପସ୍ଥାପନା ପାଇଁ ଆକର୍ଷଣୀୟ ବ୍ୟକ୍ତିତ୍ୱ, ଉତ୍ତମ ପ୍ରସଙ୍ଗ, ଉତ୍ତମ ପ୍ରଯୋଜନା, ଉତ୍ତମ ମଞ୍ଚକଳା, ମାର୍ଜିତ ଶବ୍ଦ ଚୟନ ଓ ଉତ୍ତମ ବାର୍ତ୍ତାଳାପ ଭଳି ସମୟାନୁବର୍ତ୍ତୀତା ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ଯାଦୁଖେଳଗୁଡ଼ିକ ଭଲଭାବରେ ଅଭ୍ୟାସ କଲାପରେ ହିଁ ସର୍ବସାଧାରଣରେ ପ୍ରଦର୍ଶନ ଯୋଗ୍ୟ ହେବ ।

ସହାୟକମାନଙ୍କ ପ୍ରତି ସମ୍ମାନଜନକ ବ୍ୟବହାର ପ୍ରଦଶର୍ନ କରିବା ଉଚିତ୍ । ସହାୟକମାନଙ୍କୁ ସଠିକ୍ ଭାବେ ବ୍ୟବହାର କରିବା ଦରକାର । ସେମାନଙ୍କୁ ଯାଦୁ ସାମଗ୍ରୀ ରୂପେ ବ୍ୟବହାର କରାଯାଉଛି ବୋଲି ଦର୍ଶକଙ୍କର ଯେପରି ଧାରଣା ନଜନ୍ମେ । ସେମାନେ ବି ମଣିଷ ।

ଦର୍ଶକଙ୍କ ମଧ୍ୟରୁ ଯଦି ସହାୟକ ମଞ୍ଚ ଉପରକୁ ଆସନ୍ତି, ସେ ପରିସ୍ଥିତିର ଦକ୍ଷ ପରିଚ୍ଚଳନା ମଧ୍ୟ ଆବଶ୍ୟକ । ନଚେତ ମଞ୍ଚ ଉପରର ଚିତ୍ର ବିଶୃଙ୍ଖଳିତ ଏବଂ ଗୋଳମାଳିଆ ମନେ ହେବ ।

ଯବନୀକା ପତନ ପୂର୍ବରୁ ଏଭଳି ସହାୟକମାନେ ଯେପରି ମଞ୍ଚରୁ ଓହ୍ଲାଇ ଯାଇଥାଆନ୍ତି ତାହା ଦେଖିବାକୁ ହେବ । ଯବନୀକା ପତନ ମଧ୍ୟ ଅଧ୍ୟୟନର ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ । ଆଗ୍ରହୀ ଛାତ୍ର ଏ ଦିଗରେ ଅଧିକ ତଥ୍ୟ ସଂଧାନରେ ବ୍ରତୀ ହେବେ ବୋଲି ଆଶା ।

ବହିପଢ଼ିବା ଜ୍ଞାନ ଓ ଦର୍ଶକଙ୍କ ସାମ୍ନାରେ ପ୍ରଦର୍ଶନ କରିବାର ହାସଲ ଜ୍ଞାନ ମଧ୍ୟରେ ଅନେକ ପାର୍ଥକ୍ୟ ଅଛି । ବ୍ୟବହାରିକ ଜ୍ଞାନରୁ ମିଳୁଥିବା ଅଭିଜ୍ଞତାର ତୁଳନା ନାହିଁ ।

ଉପସ୍ଥାପନା ନିଜସ୍ୱ ଢ଼ଙ୍ଗରେ ଏବଂ ସ୍ୱାଭାବିକ ଭାବରେ କରାଯିବ ଯେଉଁଥିରେ ନିଜ ବ୍ୟକ୍ତିତ୍ୱର ଦୃଢ଼ ଛାପ ଥିବ ।

ନୂଆ ନୂଆ ସୃଷ୍ଟି ପାଇଁ କଳାକାରକୁ ନୂତନ ଢ଼ଙ୍ଗରେ କଳ୍ପନା କରିବାକୁ ପଡ଼ିବ ।

୨୬ ଟି ଅକ୍ଷରକୁ ନେଇ ଲକ୍ଷ ଲକ୍ଷ ସଂଖ୍ୟାର ପୁସ୍ତକ ! ୩ ଟି ମୌଳିକ ରଙ୍ଗକୁ ନେଇ କେତେ କେତେ ଚିତ୍ର ପଟ ! ୭ ଟି ସ୍ୱରକୁ ନେଇ କେତେଯେ ସଂଗୀତ ! ଧନ୍ୟ ସେ କଳାକାର ଯେ ପଥର ଖଣ୍ଡକ ମଧ୍ୟରେ ସୁନ୍ଦର ମୂର୍ତ୍ତୀର କଳ୍ପନା କରିପାରେ । ମୌଳିକ ସୃଷ୍ଟି ଅନନ୍ୟ । (ମୋନାଲିସା ଛବିର ଅନେକ ଅନେକ ନକଲ କରାଯାଉଛି । ହେଲେ ଯାହା ମୌଳିକ ସେ ମୌଳିକ । ଅନ୍ୟ ଯାହା ସବୁ ନକଲ) ।

□□□

# ଅନ୍ୟ ଯାଦୁକରଙ୍କ ପ୍ରତି ବ୍ୟବହାର

ଆମେରିକାର ପ୍ରସିଦ୍ଧ ପେଷାଦାର ଯାଦୁକର କେନ୍ ଗ୍ରିଫିନ୍ ଏବେ ଅବସର ଗ୍ରହଣ କଲେଣି । ତାଙ୍କର ଅନୁଭବ ସିଦ୍ଧ ଜ୍ଞାନ ଓ ପ୍ରଣିତ ପୁସ୍ତକମାନଙ୍କ ପାଇଁ ସେ ଯାଦୁକର ସମାଜର ଏକ ସମ୍ମାନନୀୟ ବ୍ୟକ୍ତିତ୍ୱ । ସେ କହନ୍ତି : "ଆମେ ଅନ୍ୟ ଯାଦୁକରଙ୍କ କାର୍ଯ୍ୟକ୍ରମ ଦେଖିବାକୁ ଗଲେ ଟିକେଟ୍ କିଣି ପ୍ରବେଶ କରୁ । ନିହାତି ଅନ୍ତରଙ୍ଗ ବନ୍ଧୁଙ୍କ ବିଶେଷ ନିମନ୍ତ୍ରଣ ବ୍ୟତୀତ ଅନ୍ୟାନ୍ୟ ସମସ୍ତ ସ୍ଥିତିରେ ଆମେ ବିନା ମୂଲ୍ୟରେ ପ୍ରବେଶ କରିବାକୁ ପସନ୍ଦ କରୁନାହୁଁ । ଅନ୍ୟ ଯାଦୁକରଙ୍କ କାର୍ଯ୍ୟକ୍ରମ ଆରମ୍ଭ ହେବାକୁ ଯଦି ଅଧଘଣ୍ଟାରୁ କମ୍ ସମୟ ଅଛି ତେବେ ଆମେ ତାଙ୍କୁ ସେ ସମୟରେ ମଧ ସାକ୍ଷାତ କରି ତାଙ୍କ କାର୍ଯ୍ୟରେ ବ୍ୟାଘାତ ସୃଷ୍ଟି କରିବାକୁ ପସନ୍ଦ କରି ନଥାଉ । କାର୍ଯ୍ୟକ୍ରମ ପରେ ଭଦ୍ରତା ଦୃଷ୍ଟିରୁ ତାଙ୍କୁ ସାକ୍ଷାତ କରି ଶୁଭେଚ୍ଛା ଜଣାଇଥାଉ କିନ୍ତୁ ମଞ୍ଚ ଉପରକୁ କିମ୍ବା ମଞ୍ଚ ପଛ ପଟୁ ପ୍ରବେଶ କରିବା ପୂର୍ବରୁ ସୂଚନା ଦେଇ ଏବଂ ଅନୁମତି ପ୍ରାପ୍ତ କରି ତାଙ୍କୁ ଭେଟିଥାଉ ।

ବାହାର ଯାଗାରେ ଆମ କାର୍ଯ୍ୟକ୍ରମ ଚ୍ଲିଥିବା ବେଳେ ସବୁବେଳେ ଅନ୍ୟ ଯାଦୁକରମାନେ ଆମକୁ ଭେଟିଥାଆନ୍ତି । ଏମାନେ ସମସ୍ତେ ଭଦ୍ର ଓ ସୁସଂସ୍କୃତ । ତେବେ ଶତକଡ଼ା ୧୦ ଭାଗ କ୍ଷେତ୍ରରେ ବ୍ୟତିକ୍ରମ ପରିଲକ୍ଷିତ ହୋଇଥାଏ । ସେମାନେ ପୂର୍ବସୂଚନା ଓ ଅନୁମତି ବିନା ମଞ୍ଚ ଉପରକୁ ଅଥବା ଝିଅମାନେ ପୋଷାକ ବଦଳାଉଥିବା ସ୍ଥାନକୁ ପଶିଯିବେ । କୌତୁହଳୀ ଥିବା ଯାଦୁଖେଳର ଉପକରଣମାନ ଓଲଟପାଲଟ କରି ଦେଖିବେ....... ଇତ୍ୟାଦି ।

ଭାବିଲେ, କେହି ଜଣେ ଅଜଣା ଲୋକ ଆପଣଙ୍କର ଘରେ ବିନା ଅନୁମତିରେ ପଶି ଆପଣଙ୍କ ଶୋଇବା ଘରର ଆସବାବପତ୍ର ଛିନ୍ ଭିନ୍ କଲେ ଆପଣଙ୍କୁ କିପରି ଲାଗିବ ?"

ସେଇ ସ୍ତରର ଆଉ ଜଣେ ଅଭିଜ୍ଞ ଯାଦୁକରଙ୍କ ମନ୍ତବ୍ୟ ଟିକିଏ କଡ଼ା । ସେ କହନ୍ତି : "ସହରକୁ କୌଣସି ବାହାରର ଯାଦୁକର ଆସିଲେ ସ୍ଥାନୀୟ ଯାଦୁକରମାନେ ଭାବନ୍ତି, ମଞ୍ଚ ପଛପଟକୁ ଯାଇ ନିଜକୁ ତାଙ୍କ ସହ ପରିଚିତ କରାଇବା ଆବଶ୍ୟକ । ଏମିତି ଥରେ ଆମର କାର୍ଯ୍ୟକ୍ରମ ଚ୍ଲିଥାଏ । ମ୍ୟାଟିନ୍ ସୋ ପରେ ଯେଉଁ ସ୍ୱଳ୍ପ ସମୟ ଥାଏ ଆମେ ସେତେବେଳେ ସାନ୍ଧ୍ୟ କାର୍ଯ୍ୟକ୍ରମ ପାଇଁ ବହୁତ ବ୍ୟସ୍ତ ଥାଉ । ଏଇ ସମୟରେ ମ୍ୟାଟିନ୍ ସୋ ଦେଖିସାରିଥିବା ଜଣେ ଯୁବ ଯାଦୁକର ମଞ୍ଚ ପଛରୁ

ପ୍ରବେଶ କରି ତାଙ୍କୁ ଭଲ ଲାଗିଥିବା ଓ ସେ ଅଜ୍ଞ ଥିବା କେତେକ ଖେଳ ବିଷୟରେ ତନ୍ନ ତନ୍ନ ପ୍ରଶ୍ନ କରିବାକୁ ଲାଗିଲେ । ସେ ବୋଧିହୁଏ ଭାବୁଥିଲେ ଖେଳ ଯେହେତୁ ସରିଗଲାଣି, ଆମେ ଆଉ କାର୍ଯ୍ୟବ୍ୟସ୍ତ ନଥିବୁ । ମୁଁ ଅବଶ୍ୟ ଭଦ୍ରତା ସହକାରେ ତାଙ୍କୁ ପରିସ୍ଥିତି ବୁଝାଇଦେଲି । କିନ୍ତୁ ମନେହେଉଥିଲା ବଳ ପ୍ରୟୋଗ କରି ତାଙ୍କୁ ନିକାଳି ଦେଇଥାଆନ୍ତି ।"

ଯେଉଁ ଯାଦୁକରମାନେ ପ୍ରକୃତରେ ମଞ୍ଚ ଉପରୁ ଦର୍ଶକଙ୍କୁ ସମ୍ନା କରିଥିବେ ସେଇମାନେ ଏ ମର୍ମର ଗୁରୁତ୍ୱ ଉପଲବ୍‌ଧି କରିପାରିବେ ନିଶ୍ଚୟ ।

ଏଠାରେ ଆଉ ଗୋଟିଏ ନିୟମ ପ୍ରତି ବିଗ୍ଚର କରିବାକୁ ହେବ । କୌଣସି ଯାଦୁକରଙ୍କ କାର୍ଯ୍ୟକ୍ରମ ଚ୍ଚଲିଥିବାବେଳେ ସେ ଯଦି ଦର୍ଶକଙ୍କ ମଧ୍ୟରୁ ସହାୟତା ଲୋଡ଼ନ୍ତି ତେବେ ସେଠାକୁ ସ୍ଥାନୀୟ ଯାଦୁକରମାନେ ଯିବା ଅନୁଚିତ୍ । ଦର୍ଶକ ଯଦି ସ୍ଥାନୀୟ ଯାଦୁକରଙ୍କୁ ଚିହ୍ନି ପାରନ୍ତି, ତେବେ ତାଙ୍କର ଧାରଣା ହେବ, ଏଥିରେ କିଛି କାରସାଦି ଓ ସଲାସୁତରା ଅଛି ।

ଏ ପରିପ୍ରେକ୍ଷୀରେ ରାଜା ପୁରୁଙ୍କର - ଆଲେକ୍‌ଜାଣ୍ଡାରଙ୍କୁ କହିଥିବା ଉକ୍ତି ମନେ ପଡ଼େ । "ମୁଁ ଜଣେ ରାଜା ଠାରୁ ଅନ୍ୟ ଜଣେ ରାଜାପ୍ରତି ରାଜୋଚିତ ବ୍ୟବହାର ଆଶା କରୁଛି ।"

□□□

# ସୁନାପାହାଚ

ବିଶ୍ୱବିଖ୍ୟାତ (IBM) କମ୍ପାନୀର ପ୍ରତିଷ୍ଠାତା ଥୋମାସ୍ ୱାଟସନ୍ ଥରେ କହିଥିଲେ, ଯଦି ସଫଳତା ହାସଲ କରିବାକୁ ଚାହଁ ତେବେ ବିଫଳତାର ହାରକୁ ଦ୍ୱିଗୁଣିତ କରିଦିଅ ।

ପ୍ରସିଦ୍ଧ ଚିତ୍ରକର ଅଗଷ୍ଟ ରେନୋଙ୍କର ମୃତ୍ୟୁ ପୂର୍ବରୁ ତାଙ୍କର ଶେଷ କଳାକୃତିଟିକୁ ସମ୍ପୂର୍ଣ୍ଣ ରୂପ ଦେଇ ସାରିଥିଲେ । ମୃତ୍ୟୁ ଶଯ୍ୟାରୁ ମିଳିଥିବା ଖଣ୍ଡେ କାଗଜରେ ତାଙ୍କ ଶେଷ ଲେଖାଟି ଥିଲା "ମୁଁ ଭାବୁଛି କଳା ବିଷୟରେ ମୁଁ କିଛି କିଛି ବୁଝିବାକୁ ଆରମ୍ଭ କରୁଛି" ।

"ଅନୁଧ୍ୟାନ କରୁଥିବା ନିଜର ପ୍ରିୟ ବିଷୟରେ ଜ୍ଞାନ ଓ ଅଭିଜ୍ଞତା ବଢ଼ିବା ସଂଗେ ସଂଗେ ସେ ଦିଗରେ ଅଧିକରୁ ଅଧିକ ଜ୍ଞାନ ଆହରଣର ପଥ ସୁଗମ ହେଉଥାଏ । ଜ୍ଞାନ ଓ ଅଭିଜ୍ଞତା ଯେତେଯେତେ ବଢୁଥାଏ, ଶିଖିବାକୁ ବାକିଥିବା ଅବଶିଷ୍ଟ ଜ୍ଞାନର ବ୍ୟାପକତା ସମ୍ପର୍କରେ ସଚେତନତା ମଧ୍ୟ ବଢୁଥାଏ । ଜ୍ଞାନର ବ୍ୟାପକତା ସମ୍ବନ୍ଧରେ ସଚେତନତା ଯୋଗୁଁ ସମ୍ଭବତଃ ଗୁଣୀଜ୍ଞାନୀମାନେ ନମ୍ର ଆଚରଣ କରିଥାଆନ୍ତି ।

"ନମ୍ରନ୍ତି ଗୁଣିନୋ ଜନାଃ

ନମ୍ରନ୍ତି ଫଳିନୋ ବୃକ୍ଷାଃ ।"

ଉତ୍କର୍ଷକାମୀ ଉପସ୍ଥାପକ ପ୍ରତ୍ୟେକ ମୁହୂର୍ତ୍ତରେ ପ୍ରତ୍ୟେକ ଘଟଣାରୁ ନିଜର ଉତ୍କର୍ଷ ବୃଦ୍ଧିରେ ସହାୟକ ଉପାଦାନମାନ ଆହରଣ କରିବାକୁ ସତତ ଚେଷ୍ଟିତ ହେବା ଆବଶ୍ୟକ । ଉଚ୍ଚ ଶ୍ରେଣୀର ଉପସ୍ଥାପକମାନଙ୍କର ଉପସ୍ଥାପନା ଯେତେ ମାତ୍ରାରେ ଅନୁଧ୍ୟାନ କରିବାର ସୁଯୋଗ ମିଳେ ସେସବୁର ସୁଯୋଗ ନେବା ବହୁତ ଭଲ ।

ନିଜର ବର୍ତ୍ତମାନ ସ୍ତରର ଜ୍ଞାନ କଥା ଭାବନ୍ତୁ ତ ! ଜନ୍ମ ସମୟରେ ଆମେ କେବଳ "କୁଆଁ କୁଆଁ କହିପାରୁଥିଲୁ । ସେବେଠୁ ଏପର୍ଯ୍ୟନ୍ତ ଆମେ କେତେକେତେ କଥା ଜାଣିଲାଣି - ଅନେକ ଅବଚେତନ ଭାବରେ ଓ ଅନେକ ସଚେତନ ଭାବରେ । ଏଣିକି ଆଉ ଯାହା ଆମ ପ୍ରିୟ ପ୍ରସଙ୍ଗ ବିଷୟରେ ଜାଣିବା, ତାହା ସଚେତନ ଭାବରେ ଜାଣିବାର ପ୍ରୟାସ କରିବା ।

ଉପସ୍ଥାପନାକୁ ଅଧିକରୁ ଅଧିକ ଉନ୍ନତ କରିବାକୁ ହେଲେ ନିଜର ଭୁଲ୍ ତ୍ରୁଟି ପ୍ରତି ସଚେତନ ହୋଇ ସେ ସବୁକୁ ବାଦ୍‌ଦେବା କିମ୍ବା ମାର୍ଜିତ କରିବାର ଖୋଲା ମନବୃତ୍ତି

ଆବଶ୍ୟକ । ନିଜର ଭୁଲ୍ ତ୍ରୁଟି ଦର୍ଶାଇବାକୁ କୌଣସି ଅନ୍ତରଙ୍ଗ ବନ୍ଧୁଙ୍କର ସହାୟତା ମଧ ଲୋଡ଼ାଯାଇ ପାରେ । ଜଣେ ଯାଦୁକର ତାଙ୍କ କାର୍ଯ୍ୟକ୍ରମ ଶେଷ ହେଲା ମାତ୍ରେ ସମସ୍ତଙ୍କ ଅଲକ୍ଷରେ ଶୌଚାଳୟ ମଧକୁ ପଶିଯାଇ ସେଠାରୁ ମୁକ୍ତ ମନ୍ତବ୍ୟମାନଙ୍କୁ ଶୁଣୁଥିଲେ ।

ଏଇଠି ଆଉ ଗୋଟିଏ କଥା କହିବାକୁ ଉଚିତ୍ ମନେ କରୁଛି । ଯାଦୁକଳା ପ୍ରତି ଆକୃଷ୍ଟ ହେଉଥିବା ଅନେକ ନବାଗତ କାହାରନା କାହାର ବ୍ୟକ୍ତିତ୍ୱ, କଳା ପ୍ରଦର୍ଶନ ଆଦିରେ ପ୍ରଭାବିତ ହୋଇ ସେମାନଙ୍କୁ ଆଖିବୁଜା ଅନୁକରଣ କରିବାର ପ୍ରୟାସ କରିଥାଆନ୍ତି । ଏହା ମଧ ପ୍ରଗତି ପଥରେ ଏକ ବଡ଼ ଅନ୍ତରାୟ । ବରଂ ଶିକ୍ଷାର୍ଥୀଙ୍କୁ ଭୁଲ୍ ଦିଗରେ ପରିଚାଳିତ କରିଥାଏ ।

ଏ ସଂସାରରେ ପ୍ରତ୍ୟେକ ବ୍ୟକ୍ତି ଭିନ୍ନ ଭିନ୍ନ । ଗଢ଼ଣ, ଚାଲିଚଳଣ, ଆଚରଣ, ବେଶପୋଷାକ, ଶିକ୍ଷା, ସଂସ୍କୃତି, କଣ୍ଠସ୍ୱର, କହିବାଭଙ୍ଗୀ ଆଦି ଅନେକ ବିଷୟରେ ପ୍ରତ୍ୟେକଙ୍କର ବ୍ୟକ୍ତିତ୍ୱ ସ୍ୱତନ୍ତ୍ର । ଗୋଟିଏ ପ୍ରକାର ଖେଳକୁ ସମାନ ଭାବେ ଅଭ୍ୟାସ କରି ଯଦି ଦଶ ଜଣ ବ୍ୟକ୍ତି ପ୍ରଦର୍ଶନ କରନ୍ତି, ଦର୍ଶକଙ୍କ ଆଖିରେ ତାହାର ପ୍ରଭାବ ଭିନ୍ନ ଭିନ୍ନ ହେବ । ଗୋଟିଏ ବାକ୍ୟକୁ ଜଣେ ଯେପରି କହୁଛି ଆଉ ଜଣେ କହିଲେ ଠିକ୍ ସେମିତି ହେବକି ? ଏସବୁ କଥାକୁ ବିଚାର କରି ଶିକ୍ଷାର୍ଥୀ ଆରମ୍ଭରୁ ନିଜର ବ୍ୟକ୍ତିଗତ ଶୈଳୀକୁ ବ୍ୟବହାର କରି ସେ ଦିଗରେ ଆହୁରି ଆଗେଇବାକୁ ପ୍ରୟାସ କରିବା ଉଚିତ୍ ।

ପ୍ରତ୍ୟେକ ଲୋକ ଏପରି କିଛି ନା କିଛି କାମ କରିଥାଆନ୍ତି ଯେଉଁଥିରେ ସେମାନେ ଅନ୍ୟମାନଙ୍କ ଠାରୁ ଉତ୍କୃଷ୍ଟ । ସହରୀ ବାବୁ ଜଣକ ଦକ୍ଷତାର ସହ ମୋଟର ଗାଡ଼ି ଚଳାଇ ପାରନ୍ତି । ଗାଁର ଲୋକଟିଏ ଦକ୍ଷତାର ସହ ମାଟି ହାଣିପାରେ । ଉଭୟ ଉଭୟଙ୍କ ଦକ୍ଷତାରେ ଅନନ୍ୟ । ପ୍ରତ୍ୟେକ ଅନ୍ୟର କାର୍ଯ୍ୟକୁ ଶିଖି କରିପାରନ୍ତି । କିନ୍ତୁ ଏକାପରି କାର୍ଯ୍ୟଟିଏ ଦୁଇଜଣ ଲୋକ କଲେ କେଉଁଟି ଅଧିକ ଭଲ ତାହା ଦେଖଣାହାରି ଜାଣିପାରିବେ । ଏଇ କଥା ହୃଦୟଙ୍ଗମ କଲେ ନିଜର କେଉଁ କ୍ଷେତ୍ରରେ ସ୍ଥିତି ଦୁର୍ବଳ ଏବଂ କେଉଁ କ୍ଷେତ୍ରରେ ଅଧିକ ଦୃଢ଼ ତାକୁ ଚିହ୍ନଟ କରିହେବ । ତା'ପରେ ନିଜର ଏହି ବ୍ୟକ୍ତିତ୍ୱର ସହଜାତ ଗୁଣକୁ ବିକଶିତ କରିବାର ପ୍ରଯତ୍ନ କରିବାକୁ ହେବ । ଅର୍ଥାତ୍, ନିଜସ୍ୱ ଢ଼ଙ୍ଗରେ ଉପସ୍ଥାପନା କରିବାକୁ ହେବ । ନିଜର ବ୍ୟକ୍ତିତ୍ୱକୁ ଅନ୍ୟମାନଙ୍କ ଆଖିରେ ଗ୍ରହଣୀୟ କରିବାକୁ ହେବ ।

ମଞ୍ଚ ଉପରେ ଥିବା ପର୍ଯ୍ୟନ୍ତ ଯାଦୁକର ଓ ଦର୍ଶକଙ୍କ ସମ୍ପର୍କ ନିବିଡ଼ । ନିଜର ସଫଳତା ପାଇଁ ଦର୍ଶକଙ୍କ ମନ ମୋହିବା ତା'ର କର୍ତ୍ତବ୍ୟ । ପ୍ରଥମେ ସେ ଦର୍ଶକଙ୍କର

ମନୋରଞ୍ଜନକାରୀ । ତା'ପରେ ସେ ଯାଦୂକର । ଯାଦୂ ଏକ ମାଧ୍ୟମ ମାତ୍ର । ତେଣୁ ପ୍ରତ୍ୟେକ ମୁହୂର୍ତ୍ତରେ ସେ ଯେପରି ଦର୍ଶକଙ୍କୁ ଆନନ୍ଦ ପ୍ରଦାନ କରିପାରିବ ସେଥି ପ୍ରତି ଯତ୍ନବାନ ହେବ । ଦର୍ଶକଙ୍କୁ ଆନନ୍ଦ ଦେବାର ପ୍ରଥମ ବିଷୟ ହେଲା ଦର୍ଶକ ଉପସ୍ଥାପକଙ୍କୁ ଭଲ ପାଇବା । ତେଣୁ ଚାଲିଚଳଣ, ବ୍ୟବହାର, କଥାବାର୍ତ୍ତା, ପୋଷାକ, ନିଷ୍ଠାପରତା ଇତ୍ୟାଦି ସମସ୍ତ ବିଷୟରେ ଦର୍ଶକଙ୍କ ମନ ଜିଣିବାକୁ ଲକ୍ଷରେ ରଖି କାର୍ଯ୍ୟକ୍ରମ ପ୍ରସ୍ତୁତ କରିବାକୁ ହେବ । ଏ ସମସ୍ତ କାର୍ଯ୍ୟ ଆନ୍ତରିକତାର ସହ କରାଯିବା ଉଚିତ୍ ।

ଯେହେତୁ ଆମର ଦର୍ଶକମାନେ ମନୁଷ୍ୟ, ଲୋକ ବ୍ୟବହାର କଳା କୌଶଳଗୁଡ଼ିକ ପ୍ରତି ଧ୍ୟାନ ଦିଆଯିବା ଦରକାର । ଏ ବିଷୟରେ ଡ଼େଲ କାର୍ଣ୍ଣେଗୀଙ୍କ ଓଡ଼ିଆ ଅନୁବାଦିତ ପୁସ୍ତକ "ବନ୍ଧୁ ଅର୍ଜନ ଓ ଲୋକ ପ୍ରିୟତାର ପ୍ରଭାବ ବିସ୍ତାର" ଏକ ଉପାଦେୟ ପୁସ୍ତକ ।

ମୁଖ୍ୟତଃ ତିନୋଟି ବିଷୟକୁ ଆଧାର କରି ଦର୍ଶକମାନେ ଉପସ୍ଥାପନାର ମାନ ନିର୍ଦ୍ଧାରଣ କରି ଥାଆନ୍ତି । ସେଗୁଡ଼ିକ ହେଲା: ସେମାନେ ଯାହା ଦେଖନ୍ତି, ଯାହା ଶୁଣନ୍ତି ଓ ସେଥିରୁ ଯାହା ଅର୍ଥ କରନ୍ତି ଓ ବୁଝନ୍ତି । ତେଣୁ ଉପସ୍ଥାପକ ଯେଉଁ ଅର୍ଥରେ ଯାହା ଯାହା କରୁଛନ୍ତି ଓ କହୁଛନ୍ତି ଦର୍ଶକମାନେ ସେଇ ଅର୍ଥରେ ସେସବୁକୁ ହୃଦୟଙ୍ଗମ କରନ୍ତୁ, ଏହା ପ୍ରତି ଯତ୍ନବାନ ହେବା ଆବଶ୍ୟକ । ଏହା ଏକ ବ୍ୟାପକ ସାଧନାର ବିଷୟ ଏବଂ ଏଥିପାଇଁ ନିରନ୍ତର ଆନ୍ତରିକ ପ୍ରୟାସ ଲୋଡ଼ା । ଆପଣଙ୍କ ବ୍ୟକ୍ତିତ୍ୱ ଯେପରି ସେମାନଙ୍କ ପାଇଁ ଆକର୍ଷଣର ମୁଖ୍ୟ କାରଣ ହେବ ସେ ଦିଗରେ ଉଦ୍ୟମ କରନ୍ତୁ ।

ନଈରେ ପାଣି ବୋହିଗଲା ପରି ପ୍ରତ୍ୟେକଥରର ଦର୍ଶକ ଭିନ୍ନ ଭିନ୍ନ । ଦର୍ଶକମାନଙ୍କୁ ମଧ୍ୟ ବିଭିନ୍ନ ଶ୍ରେଣୀରେ ବିଭକ୍ତ କରାଯାଇପାରେ । ପାରିବାରିକ କାର୍ଯ୍ୟକ୍ରମରେ ବୟସ୍କ ପୁରୁଷ ଓ ମହିଳାଙ୍କ ସମେତ ପିଲାମାନେ ଥାଆନ୍ତି । କେବଳ ବୟସ୍କ ପୁରୁଷ, କେବଳ ବୟସ୍କ ମହିଳା, କେବଳ ପିଲା ଅଥବା ମିଶାମିଶି ଦର୍ଶକ ମଧ୍ୟ ହୋଇପାରନ୍ତି । କେବଳ ଯୁବଗୋଷ୍ଠୀ ବି ହୋଇ ପାରନ୍ତି । ଶିକ୍ଷା ସଂସ୍କୃତି ଭେଦରେ ସେମାନେ ମଧ୍ୟ ଭିନ୍ନ ଭିନ୍ନ ହୋଇପାରନ୍ତି । ହୋଟେଲ୍ ବାର୍ ଆଦିରେ ଅଧିକାଂଶ ଦର୍ଶକ ମଦ୍ୟପାନ କରିଥାଆନ୍ତି ... ଇତ୍ୟାଦି ଇତ୍ୟାଦି । ଏ ଦିଗରେ ସଚେତନ ହେଲେ ସେମାନଙ୍କ ରୁଚିକୁ ସୁହାଇଲା ଭଳି କାର୍ଯ୍ୟକ୍ରମ ପ୍ରସ୍ତୁତ କରିବା ସହଜ ହୋଇଥାଏ । ତେବେ ସାଧାରଣ ସ୍ଥିତିରେ ମିଶାମିଶି ଦର୍ଶକମଣ୍ଡଳୀର ଅଧିକାଂଶ ବ୍ୟକ୍ତି ତାଙ୍କର

ମୂଲ୍ୟବାନ ସମୟ ଓ ଅର୍ଥ ବିନିମୟରେ ମନୋରଞ୍ଜନ ଆଶା କରିଥାଆନ୍ତି । କର୍ମମୟ ଜୀବନରେ ଅବସର ବିନୋଦନ ନିମନ୍ତେ ସେମାନେ ଆସିଥିବାରୁ ଯାଦୁଖେଳର ପ୍ରହେଳୀକୁ ସମାଧାନ ପାଇଁ ମୁଣ୍ଡ ଖେଳାଇବା ତାଙ୍କର ଲୋଡ଼ା ନଥାଏ । ଏପରିକି ଅନେକ ତାଙ୍କର ଆସନ ଛାଡ଼ି ମଞ୍ଚ ଉପରେ ଯାଦୁକରଙ୍କୁ ସାହାଯ୍ୟ କରିବାକୁ ଆସିବାକୁ ହୁଏତ ଚାହୁଁ ନଥାନ୍ତି । ଏସବୁକୁ ବିଚାର କଲେ ଜଣାଯିବ, ସହଜ ସରଳ ଖେଳଗୁଡ଼ିକ ଯଦି ଉପଯୁକ୍ତ ମନୋରଞ୍ଜକ ଢ଼ଙ୍ଗରେ ପରିବେଶଷଣ କରାଯାଏ ତେବେ ସେମାନେ ଆମୋଦିତ ହେବେ । ତେଣୁ ଉନ୍ନତ ଉପସ୍ଥାପନା ଦିଗରେ ଯତ୍ନର ସହ ବିଚାର କରାଯିବା ସହ ଦର୍ଶକଙ୍କ ମନ ମୋହିବାର କଳାରେ ନିପୁଣ ହେବା ବାଞ୍ଛନୀୟ । ଦର୍ଶକ ଆମ ପାଇଁ ସାକ୍ଷାତ ଈଶ୍ୱର । ସେମାନଙ୍କ ପ୍ରତି ଆନ୍ତରିକ ସମ୍ମାନବୋଧ, କଳାକାରର ପ୍ରଗତି ପାଇଁ "ସୁନାର ପାହାଚ" । ଆପଣ ବି ଚଢ଼ିପାରିବେ ।

□□□

*Good, Better, Best*


*Never let it rest*

*Till your Good is Better*

*And*

*your Better is BEST*

*- Anon.*



ଯାଦୁ ବିଦ୍ୟା ଭ୍ରମ ସୃଷ୍ଟି କରିବାର କଳା । ଉପର ଚିତ୍ରଟି ଦୃଷ୍ଟିଭ୍ରମର ଏକ ନମୁନା । କେତୋଟି ଇଟା ଅଛି ଗଣନ୍ତୁ । ଚିତ୍ରଟିକୁ ଓଲଟାଇ ପୁଣି ଥରେ ଗଣି ଦେଖନ୍ତୁ ତ !

# ପୁସ୍ତକ ସମ୍ବନ୍ଧରେ ପଦେ

ମାର୍ଜିତ ଢ଼ଙ୍ଗରେ ଯାଦୁବିଦ୍ୟା ପ୍ରଦର୍ଶନ ପାଇଁ ଉପସ୍ଥାପନା ଶୈଳୀର ଗୁରୁତ୍ୱ ବିଷୟରେ ନବାଗତ ଯାଦୁଗରମାନଙ୍କୁ ସଚେତନ କରାଇବା ଅଭିପ୍ରାୟରେ ଏ ପୁସ୍ତକଟିର ପରିକଳ୍ପନା ।

ଜୀବନର ଯେଉଁ ଏକ ପର୍ଯ୍ୟାୟରେ ପ୍ରାୟ ୩୦ ବର୍ଷ ସକ୍ରିୟଭାବେ ଯାଦୁ ପ୍ରଦର୍ଶନ କରୁଥିଲି ସେତେବେଳେ ସାମ୍ନା କରିଥିବା ବାଧାମାନଙ୍କୁ ସହଜରେ କିପରି ସମାଧାନ କରାଯାଇପାରେ, ସେଥିପାଇଁ ନିରନ୍ତର ପ୍ରୟାସଜନିତ କଷ୍ଟଲବ୍ଧ ଜ୍ଞାନ ନିଷ୍ଠାପର ଶୀକ୍ଷାର୍ଥୀଙ୍କ ମାର୍ଗ ସୁଗମ କରିବା ଲକ୍ଷ୍ୟରେ ଆବଶ୍ୟକ ମତେ ଏଠାରେ ସ୍ଥାନିତ କରୁଛି । ତେବେ ଅଭିଜ୍ଞ ଯାଦୁଗରମାନଙ୍କ ସମେତ ସମସ୍ତ ଶ୍ରେଣୀର ଉପସ୍ଥାପକ ମାନେ ପ୍ରଦତ୍ତ ସୂଚନାବଳୀରୁ ଅଳ୍ପ ବହୁତ ଉପକୃତ ହୋଇପାରିବେ ବୋଲି ଆଶା ଓ ବିଶ୍ୱାସ ।

ଉପସ୍ଥାପନାରେ ଉତ୍କର୍ଷ ହାସଲ ଲକ୍ଷ୍ୟରେ ନିରନ୍ତର ପ୍ରୟାସ ଏବଂ ଏଥିପାଇଁ ନିଷ୍ଠାପର ଆନ୍ତରିକ ମନୋଭାବ ନିଶ୍ଚୟ ଆପଣଙ୍କ ଉପସ୍ଥାପନାର ମାନ ବୃଦ୍ଧିରେ ସହାୟକ ହେବ ।

ସନ୍ନିହିତ ସମ୍ୟକ ଆଲୋଚନା ଦୂର ଦିଗ୍‌ବଳୟକୁ ଅବଲୋକନ କରିବା ପାଇଁ ଏକ ମୁକ୍ତ ଗବାକ୍ଷ ମାତ୍ର । ସମସ୍ତବର୍ଗର ପାଠକ ଏଥିରୁ କିଛି ଉତ୍ତମ ସ୍ୱାଦ ଅନୁଭବ କରିବାରେ ବାଧା ନାହିଁ ।

Indian Institute of Advanced Study
Acc. No. 148993
Date 29/10/17

**I.I.A.S. LIBRARY**

Acc. No.

This book was issued from the library on the date last stamped. It is due back within one month of its date of issue, if not recalled earlier.

Library IIAS, Shimla
OR 793.8 P 170 M
148993

Price : 50/-

I.S.B.N. : 81-87982-28-4